ବର୍ଷ-୨୫, ସଂଖ୍ୟା-୩୦୬
ଭୁବନେଶ୍ୱର
୧୮, ନଭେମ୍ବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 306
Bhubaneswar
18, November, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ରଶ୍ମିକାଙ୍କ ବିବାଦୀୟ ବୟାନ

# ଅବେଳରେ ଚାଲିଗଲେ ହ୍ୟୁମାନ

**ଭୁବନେଶ୍ୱର,୧୭।୧୧(ମହାଭାରତ):** ଓଡ଼ିଶା ସଙ୍ଗୀତ ଦୁନିଆରେ ଅଦିନରେ କଳା ବାଦଲ ଘୋଟି ଯାଇଛି । ଆଉ ନାହାଁନ୍ତି ଓଡ଼ିଶାର ଘରେ ଘରେ ପରିଚିତ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର । ସୋମବାର ରାତି ୯ଟା ୮ ମିନିଟରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ହୋଇଥିଲା । ତାଙ୍କର ଅକାଳ ବିୟୋଗରେ ଓଡ଼ିଆ ସଂଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମୃତ୍ୟୁଖବର ଶୁଣି ଏମ୍ସ ପରିସର ଲୋକାରଣ୍ୟ ହୋଇଯାଇଥିଲା । ତାଙ୍କର ଶେଷ ଦର୍ଶନ ପାଇଁ କଣ୍ଠଶିଳ୍ପୀ ଓ ଶୁଭେଚ୍ଛୁ ଭିଡ଼ ଜମିଥିଲା । ରାତିରେ ତାଙ୍କ ମରଶରୀରକୁ କଟକ ବାସଭବନକୁ ନିଆଯାଇଥିଲା । ତାଙ୍କର ଶେଷ ଦର୍ଶନ ପରେ ପୈତୃକ ଗାଁ ଟିଟିଲାଗଡ଼କୁ ନିଆଯାଇଛି । ସେଠାରେ ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରାଯିବ ।

ଗତ କିଛି ଦିନ ହେବ ହ୍ୟୁମାନ୍ ସାଗର ଅସୁସ୍ଥ ଥିଲେ । ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୪ ତାରିଖ ସୋମବାର ଦିନ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଏମ୍ସର ଆଇସିୟୁରେ ସେ ଭେଣ୍ଟିଲେଟର ସପୋର୍ଟରେ ଥିଲେ । ଲିଭର୍ ଓ କିଡ଼ନିରେ ସମସ୍ୟା ଥିଲା । ତାଙ୍କ ଶରୀର ଅନେକ ଅଙ୍ଗ ଅକାମୀ ହୋଇଯାଇଥିଲା । ଶ୍ୱାସକ୍ରିୟା ଅସୁବିଧା ସମ୍ମୁଖୀନ ହେବା ସହିତ ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ଭଳି ରୋଗରେ ପୀଡ଼ିତ ଥିଲେ । ଡାକ୍ତର ତାଙ୍କୁ ୭୨ ଘଣ୍ଟା ସମୟ ଦେଇଥିଲେ । ପରିବାର ଲୋକେ ତାଙ୍କ ଏୟାରଲିଫ୍ଟ କରିବାକୁ ସରକାରଙ୍କୁ ସାହାଯ୍ୟ ମାଗିଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଡାକ୍ତରଙ୍କ ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଆଲୋଚନା କରିଥିଲେ । ମାତ୍ର ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିଥିବାରୁ ଡାକ୍ତର ଏୟାରଲିଫ୍ଟ ପାଇଁ ଅନୁମତି ଦେଇ ନ ଥିଲେ ।ଶେଷରେ ସମସ୍ତଙ୍କୁ ଶୋକ ସାଗରେ ଭସାଇ ଦେଇ ଚାଲିଯାଇଛନ୍ତି ହ୍ୟୁମାନ ସାଗର ।

୧୯୯୦, ନଭେମ୍ବର ୨୫ ତାରିଖରେ ହ୍ୟୁମାନ୍ ସାଗର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରେ ଜନ୍ମ ଗ୍ରହଣ କରିଥିଲେ । ଯୁବପୀଢ଼ିଙ୍କ ହୃଦୟରେ ହ୍ୟୁମାନ୍ ଏକ ସ୍ୱତନ୍ତ୍ର ଘର ତିଆରି କରିଥିଲେ ।୨୦୧୨ ରେ ତରଙ୍ଗ ଟିଭିର ରିଆଲିଟି ଶୋ ଭଏସ୍ ଏଫ୍ ଓଡ଼ିଶାରେ ଅଂଶ ଗ୍ରହଣ କରି ହ୍ୟୁମାନ୍ ବିଜୟୀ ହୋଇଥିଲେ । ଏହା ପରେ ଇସ୍କ ତୁ ହି ତୁ ପ୍ରଥମ ଗୀତରେ କଣ୍ଠଦାନ କରି ସାରା ଓଡ଼ିଶାରେ ଯୁବ ପୀଢ଼ିଙ୍କ ହୃଦୟରେ ରାଜ୍ କରିଥିଲେ । ଏଇଠୁ ଆରମ୍ଭ ହୋଇଥିଲା ତାଙ୍କର ସଙ୍ଗୀତ ଯାତ୍ରା । ଏହା ପରେ ସେ ଚଳଚ୍ଚିତ୍ର, ଓଡ଼ିଆ ଆଲବମ୍ ଓ ସମ୍ବଲପୁରୀରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି । ସେ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ଝିଅ ମଧ୍ୟ ଅଛନ୍ତି ।

**ସିନେମାରେ ହ୍ୟୁମାନଙ୍କ ସ୍ୱର**



## ଓଡ଼ିଆ ସଂଗୀତ ଜଗତରେ ଶୋକର ଛାୟା

## ଦଶନ୍ଧି ଧରି ଓଲିଉଡ୍‌ରେ ଅପ୍ରତିଦ୍ୱନ୍ଦ୍ୱୀ ଗାୟକ

**ଶୋକ ପ୍ରକାଶ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ**

ଇସ୍କ ତୁ ହି ତୁ, ଅଗସ୍ତ୍ୟା, ବେବି, ଅଭୟ, ହାପି ଲକି, ଲଭ ଏକ୍ସପ୍ରେସ, ତୋ ପ୍ରେମରେ ପଡିଲା ପରେ, ଶ୍ରୀମାନ ସୁରଦାସ, ସୁନ୍ଦରଗଡ଼ର ସଲମନଖାନ, ଟୋକାଟା ଫସିଗଲା, ଚାରିଧାମ ଯାଏଁ ଅନେକ ସିନେମାରେ ସିଏ ଗୀତ ଗାଇଛନ୍ତି ।

**ହ୍ୟୁମାନଙ୍କ ଅଭୁଲା ଗୀତ**

କେମିତି ଭୁଲିବି ସେ ଅଭୁଲା ଦିନ, କୁଆଡେ ଗଲୁ ପାଗେଲୀ, କାହିଁ କାନ୍ଦୁଛୁ କହ, ତୁ ମେଘ ହେଇଯା, ଗଜରା ଗଭା ବାଲି, ମରିଯିବି ଧନ ତୋ ବିନା, ମନେ ତୁ ପଡୁଛୁ ଆଲୋ ପାଗେଲୀ, ଝରିଯାଏ ଲୁହ, ଏଡ଼େ ବେଇମାନି ତୁ, ମା ତୋ ବିନା, ସେଦିନୁ ମୁଁ ହୁନୁ ହୁନୁ, ହଜାରେ ଥର, ବୁଝିଯାରେ ହୃଦୟ ତୁ, କିଛି ଲୁହ ଝରି ଥିଲା ଖୁସିରେ, ହେଲା କି ପ୍ରେମ, ଏଡ଼େ ବେଇମାନି ତୁ, ମା... ଧିମା ଧିମା ଆଖି, ମିଠା ମିଠା ସ୍ୱପ୍ନ, ସୁନ ଜରା, ଇସ୍କ ତୁ ହି ତୁ, ମୁସ୍କିଲ ହେ ଜୀନା, ମଲକା ମଲକା, ହାଏ ତୋ ପ୍ରେମର ରଙ୍ଗୋଲି, ଗଜଲ ଗଜଲ, ସବୁ ନଜର ଲାଗେ ପ୍ରେମ ନଜର, ନାରେ ନାରେ, ଫାଷ୍ଟ ଟାଇମ ଗୋଟେ ଝିଅ ତୁ, ଛାତି ଟା ରଗଡି ଦେଲାରେ , ବେବି ଓ ବେବି, ବାପା... ।ହ୍ୟୁମାନଙ୍କ ବାପା କୋଭିଡରେ ପ୍ରାଣ ହରାଇଥିବାବେଳେ ତାଙ୍କ ସାନ ଭାଇ ତା ପୂର୍ବରୁ ଚାଲି ଏକ ଦୂରାରୋଗ୍ୟରେ ପୀଡ଼ିତ ହୋଇ ପ୍ରାଣ ହରାଇଛନ୍ତି ।

ଓଲିଉଡର ଏକ ନମ୍ବର କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଆଖି ବୁଜିଛନ୍ତି । ତାଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଦାସ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହ ବିଶିଷ୍ଟ କଳାକାର ଶୋକପ୍ରକାଶ କରିଛନ୍ତି ।ହ୍ୟୁମାନ ସାଗରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ତାଙ୍କର ବିୟୋଗ ଆମ ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଓଁ ଶାନ୍ତି । ହ୍ୟୁମାନ ସାଗରଙ୍କ ବିୟୋଗ ଖବରରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଅନେକ ଗୀତରେ କଣ୍ଠଦାନ କରି ବହୁତ କମ ସମୟ ମଧ୍ୟରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ; ସଙ୍ଗୀତ ଜଗତର ଜଣେ ଉଜ୍ଜ୍ୱଳ ତାରକାକୁ ହରାଇଲା । ତାଙ୍କ ସ୍ୱରର ଯାଦୁ ସବୁଦିନ ପାଇଁ ଓଡ଼ିଆ । ଶ୍ରୋତାଙ୍କ ମନରେ ଅମର ହୋଇ ରହିବ ।ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଟୁଇଟ୍ କରି କହିଛନ୍ତି, ହ୍ୟୁମାନଙ୍କ ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି ଏବଂ ଓଡ଼ିଆ । ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ । ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି । ହ୍ୟୁମାନ ସାଗର ବିଜେଡି ପାଇଁ ହେ ନବୀନ ବାବୁ ଗୀତ ଗାଇଥିଲେ ।

## ବିଏମସି ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଆନ୍ଦୋଳନ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ବିଏମସିର ପଲାଶୁଣି ଟ୍ରିଟମେଂଟ ପ୍ଲାଣ୍ଟରେ ଡ୍ରାଇଭର ଓ ହେଲ୍ପରଙ୍କ ଆନ୍ଦୋଳନ । ବକେୟା ଦରମା ନମିଳିବା କାରଣରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି କର୍ମଚାରୀ । ତେବେ ଏହି କର୍ମଚାରୀମାନେ 'ବେସିକ୍ସ' ନାମକ ଏକ ଘରୋଇ ଏଜେନ୍ସି ଅଧୀନରେ ବିଏମସିର ସଫେଇ କରୁଥିବା ବେଳେ ଗଲା ଦୁଇମାସର ଦରମା ମିଳିନଥିବା ଅଭିଯୋଗ କରିଛନ୍ତି । ଏଥିପାଇଁ ଆଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ସାମ୍ନାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଏମସି ପକ୍ଷରୁ ବିଲ୍ ନହୋଇଥିବାରୁ ଦରମା ମିଳୁନଥିବା ଏଜେନ୍ସି କହୁଛି । ଦରମା ମିଳିନଥିବା ଅଭିଯୋଗ କଲେ ଚାକିରୀ ଚାଲିଯିବା ଭୟ ଦେଖାଯାଉଛି । କିନ୍ତୁ ସକାଳରୁ ରାତି ପର୍ଯ୍ୟନ୍ତ ଖରା ବର୍ଷା ଶୀତରେ କାମ କରୁଥିବା କର୍ମଚାରୀ ମାନେ ବିଏମସି ଓ ଏଜେନ୍ସି ଭିତରେ କାହିଁକି ପେଶୀ ହେବେ ବୋଲି ପ୍ରଶ୍ନ କରିଛନ୍ତି ।

# ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):**ବାଂଲାଦେଶର ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନିରସ୍ତ୍ର ନାଗରିକଙ୍କ ଉପରେ ଗୁଳି ଚଳାଇବା ସମେତ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଅପରାଧ ପାଇଁ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ, ଶେଖ ହସିନା ପ୍ରଦର୍ଶନକାରୀଙ୍କୁ ଦମନ ଏବଂ ହତ୍ୟା କରିବା ପାଇଁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗମ୍ଭୀର ଅପରାଧ ପାଇଁ ତାଙ୍କୁ ଫାଶୀଦଣ୍ଡ ଦିଆଯାଇଛି ।



କୋର୍ଟ ତାଙ୍କ ରାୟରେ ଏହା ମଧ୍ୟ କହିଛନ୍ତି ଯେ, ମାନବତା ବିରୋଧୀ ଏହି ଅପରାଧ ଶେଖ ହସିନା ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ କରାଯାଇଥିଲା ।

ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ, ପ୍ରଥମ ଅଭିଯୋଗ ଅନୁଯାୟୀ, ଶେଖ୍ ହସିନା ପରିସ୍ଥିତି ପରିଚାଳନା ଏବଂ ହିଂସା ରୋକିବା ପାଇଁ କିଛି କରିନଥିଲେ । ଏହା ତାଙ୍କର ଦାୟିତ୍ୱ ଥିଲା । ପ୍ରମାଣରୁ ଏହା ମଧ୍ୟ ଜଣାପଡିଛି ଯେ, ଏହି ମାମଲାରେ ପୁଲିସ ମହାନିରୀକ୍ଷକ (ଆଇଜିପି) ଦୋଷୀ ହୋଇପାରନ୍ତି । ଜୁଲାଇ ୧୯ପରେ, ଗୃହମନ୍ତ୍ରୀଙ୍କ ବାସଭବନରେ ଏକାଧିକବ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶେଖ୍ ହସିନା ପ୍ରତିବାଦକାରୀଙ୍କୁ ଟାର୍ଗେଟ କରିବା ପାଇଁ ଏକ କୋର କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ନିରସ୍ତ୍ର ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରାଯାଇଥିଲା । ରାୟ ଦେବା ପୂର୍ବରୁ କୋର୍ଟ ୫୪ଜଣ ସାକ୍ଷୀଙ୍କଠାରୁ ସାକ୍ଷ୍ୟ ଶୁଣିଥିଲେ ଏବଂ ଏହା ଶେଖ୍ ହସିନା କରିଥିବା ଅପରାଧକୁ ପ୍ରମାଣ କରିବାରେ ଯଥେଷ୍ଟ ବୋଲି ନିଷ୍ପତ୍ତି ନେଇଥିଲେ । ସାରା ଦେଶରୁ ସଂଗୃହୀତ ପ୍ରମାଣ ଏବଂ ବିଭିନ୍ନ ଉତ୍ସରୁ ମିଳିଥିବା ଅତିରିକ୍ତ ପ୍ରମାଣ ମଧ୍ୟ ଯାଞ୍ଚ କରାଯାଇଥିଲା । ଶୁଣାଣି ସମୟରେ ଆଇସିଟିର ମୁଖ୍ୟ ବିଚାରପତି କହିଥିଲେ ଯେ, ଶେଖ୍ ହସିନା ପ୍ରତିବାଦକାରୀ ଛାତ୍ର ଏବଂ ଅନ୍ୟାନ୍ୟ ସାଧାରଣ ନାଗରିକଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଢାକା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲରଙ୍କ ସହ ଏକ ଫୋନ୍ ବାର୍ତ୍ତାଳାପରେ ହସିନା ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଛାତ୍ରମାନଙ୍କୁ ଅପମାନିତ କରିଥିଲେ, ଯାହା ପ୍ରତିବାଦକୁ ଅଧିକ ତୀବ୍ର କରିଥିଲା ।

କୋର୍ଟଙ୍କ ଏଭଳି ରାୟକୁ ନେଇ ଶେଖ ହସିନା ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏ ନିଷ୍ପତ୍ତିକୁ ସେ ଏକପାଖିଆ ଓ ରାଜନୀତିରୁ ପ୍ରେରିତ ବୋଲି ଦାବି କରିଛନ୍ତି । ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ କହିଛନ୍ତି, ମୋ ପକ୍ଷ ନଶୁଣି କୋର୍ଟ ଏଭଳି ରାୟ ଶୁଣାଇଛନ୍ତି । ଏହି ନିଷ୍ପତ୍ତି ଏମିତି ଏକ ଟ୍ରିବ୍ୟୁନାଲ୍ ଦେଇଛନ୍ତି ଯାହାକୁ ଅଣନିର୍ବାଚିତ ସରକାର ଚଳାଉଛନ୍ତି । ସେମାନଙ୍କ ପାଖରେ ଜନତାଙ୍କ କୌଣସି ଜନାଦେଶ ନାହିଁ ଏହା ସମ୍ପୂର୍ଣ୍ଣ ଭାବେ ଭୁଲ ଅଟେ ।ଏହି ରାୟ ପୂର୍ବରୁ ନିର୍ଦ୍ଧାରିତ ଥିଲା ମୋତେ ମୋର ମାମଲା ଉପସ୍ଥାପନ କରିବାକୁ କିମ୍ବା ଓକିଲଙ୍କ ଦ୍ୱାରା ପ୍ରତିନିଧି କରିବାକୁ ସୁଯୋଗ ଦିଆଯାଇ ନଥିଲା ରେ କିଛି ବି ଅନ୍ତରାଷ୍ଟ୍ରୀୟ ନାହିଁଟ୍ରିବ୍ୟୁନାଲ୍ କେବଳ ଆମୀ ଲିଗ୍ ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ।

# ସ୍ୱର୍ଣ୍ଣିମ ଓଡ଼ିଶା ଅଭିଯାନର ଶୁଭାରମ୍ଭ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧(ମହାଭାରତ): ଜନତା ମୈଦାନ ଠାରେ ଭୁବନେଶ୍ୱର ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ବ୍ରହ୍ମକୁମାରୀ ଅନୁଷ୍ଠାନର ଏହି ପଚାଶ ବର୍ଷର ଯାତ୍ରା କେବଳ ସମୟର ଯାତ୍ରା ନହେଁ, ଏହା ମାନବତାର ଜାଗରଣ, ଆଧ୍ୟାତ୍ମିକ ଉନ୍ନତି ଏବଂ ଦିବ୍ୟ ସେବାର ଯାତ୍ରା ।



ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ । ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ବ୍ୟବହାର କରିଥାଉ । ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ଏବଂ ଏହି ଶିକ୍ଷା, ବ୍ରହ୍ମକୁମାରୀ ସିଷ୍ଟର ଶିବାନୀ, ଜଣେ ଆଧ୍ୟାତ୍ମିକ ଶିକ୍ଷକ ଭାବେ ସାରା ବିଶ୍ୱକୁ ଶିଖାଇ ଆସୁଛନ୍ତି । ତାଙ୍କର ତ୍ୟାଗ ଓ ସେବା ମନୋବୃତ୍ତି ପାଇଁ ସେ ଆଜି ଦେଶର ଆଧ୍ୟାତ୍ମିକ ଜଗତରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ବ୍ରହ୍ମ କୁମାରୀ ଅନୁଷ୍ଠାନ ଷ୍ଟ୍ରେସ୍ ମ୍ୟାନେଜେମେଂଟ ଏବଂ ଇମୋସନ୍ ୱେଲ ବିଙ୍ଗ୍ ବିଷୟକୁ ଗୁରୁତ୍ୱର ସହ ନେଇ ଲକ୍ଷ ଲକ୍ଷ ଲୋକଙ୍କ ଡିପ୍ରେସନ, ଆଡିକ୍ସନ ଏବଂ ଅନ୍ୟ ବ୍ୟକ୍ତିଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରୁଛନ୍ତି । ନାରୀ ସଶକ୍ତିକରଣ ଓ ସାମାଜିକ ମୂଲ୍ୟବୋଧ ଉପରେ ମଧ୍ୟ କାମ କରୁଛନ୍ତି । ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଠାରୁ ଆରମ୍ଭ କରି ଆଗାମୀ ଦିନ ମାନଙ୍କରେ ଏହି ଅନୁଷ୍ଠାନ ଏକ ବିଶ୍ୱ ଆନ୍ଦୋଳନର ରୂପନେଉ, ମାଉଂଟଆବୁ ଠାରୁ ଆରମ୍ଭ କରି ନ୍ୟୁୟର୍କ ଏବଂ ନାଇରୋବି ଠାରୁ ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତିର ବାର୍ତ୍ତା ପହଂଚାଉ । ଭୁବନେଶ୍ୱର ବ୍ରହ୍ମକୁମାରୀ ପକ୍ଷରୁ ମଧ୍ୟ ସମସ୍ତ ପ୍ରୟାସ ଜାରି ରହୁଛି । ସରକାରଙ୍କର ଏବଂ ବ୍ରହ୍ମ କୁମାରୀ ଅନୁଷ୍ଠାନର ସମ୍ମିଳିତ ପ୍ରୟାସ, ସମାଜରେ ନିଶ୍ଚୟ ଫଳପ୍ରଦ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ରାଜ ଯୋଗ ଓ ଧ୍ୟାନର ପଥ ଶୃଙ୍ଖଳା ଓ କରୁଣା ଶିଖାଏ । ଏହା ପ୍ରଶାସନରେ ସୁଶାସନ ପାଇଁ ଏହା ଆବଶ୍ୟକ । ଯେତେବେଳେ ପ୍ରଶାସନ ସହାନୁଭୂତି ସହିତ ଗତି କରେ ସେତେବେଳେ ଲୋକମାନେ ବିଶ୍ୱାସ ଅନୁଭବ କରନ୍ତି ଏବଂ ସେମାନେ ସମାଜର ନୈତିକ ଗଠନକୁ ମଜବୁତ୍ କରନ୍ତି । ଆଜିଯେଉଁ ଭଳି ବ୍ରହ୍ମକୁମାରୀ ଅନୁଷ୍ଠାନ ସମ୍ପନ୍ନ ଓଡିଶା, ସ୍ୱର୍ଣ୍ଣିମ ଓଡିଶା ଅଭିଯାନ ଆରମ୍ଭ କରିଛି, ସେହିଭଳି ଆମେ ମଧ୍ୟ ଲକ୍ଷ୍ୟ ରଖିଛୁ ୨୦୩୬ ସୁଦ୍ଧା ଆମ ଓଡିଶାକୁ ସମୃଦ୍ଧ ଓଡିଶା, ବିକଶିତ ଓଡିଶା ଭାବେ ଗଢି ତୋଳିବୁ । ଏହି ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବ୍ରହ୍ମକୁମାରୀ ଅନୁଷ୍ଠାନ ସମାଜକୁ ସଜାଡିବାର କାର୍ଯ୍ୟ ଓ ମଣିଷକୁ ସୁଧାରିବାର କାର୍ଯ୍ୟ କରୁଛି । ୫୦ ବର୍ଷ ଧରି ଏହି ଅନୁଷ୍ଠାନ ଆମ ସମସ୍ତଙ୍କୁ ଶାନ୍ତି ଏବଂ ମୈତ୍ରୀର ମାର୍ଗଦେଖାଉଛି ।

# ଲାଲକିଲ୍ଲା ଘଟଣାରେ ଆଉ ଜଣେ ଗିରଫ

**ନୂଆଦିଲ୍ଲୀ,୧୭।୧୧(ମହାଭାରତ):** ନୂଆଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣରେ ଏନ୍‌ଆଇଏ ଆଉ ଜଣେ ଅଭିଯୁକ୍ତ ଜସିର ବିଲାଲ ୱାନି ଓରଫ ଦାନିଶକୁ ଗିରଫ କରିଛି । ଜସିର ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀ ଉମର-ଉନ-ନବୀର ଜଣେ ପ୍ରମୁଖ ସହଯୋଗୀ ଥିଲା ବୋଲି ଏନଆଇଏ କହିଛି । ସେମାନେ ଏକାଠି ଦିଲ୍ଲୀରେ ଏକ ବଡ଼ ବିସ୍ଫୋରଣ ଯୋଜନା କରୁଥିଲେ । ସୂତ୍ର ଅନୁଯାୟୀ, ତଦନ୍ତରୁ ଜଣାପଡିଛି ଯେ ଏହି ଆତଙ୍କବାଦୀମାନେ ହମାସ ଶୈଳୀର ଡ୍ରୋନ ଏବଂ ରକେଟ୍ ବ୍ୟବହାର କରି ଦିଲ୍ଲୀ ଆକ୍ରମଣ କରିବାକୁ ଷଡଯନ୍ତ୍ର କରୁଥିଲେ ।ଅଭିଯୁକ୍ତ ଜମ୍ମୁ ଏବଂ କାଶ୍ମୀରର ଅନନ୍ତନାଗର କାଜିଗୁଣ୍ଡ ଅଞ୍ଚଳର ବାସିନ୍ଦା ଏନଆଇଏ ଶ୍ରୀନଗରରେ ତାକୁ ଗିରଫ କରାଯାଇଥିଲା । ଏନଆଇଏ ଅନୁଯାୟୀ, ତଦନ୍ତରୁ ଜଣାପଡିଛି ଯେ ଜସିର ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବୈଷୟିକ ସହାୟତା ଯୋଗାଇଥିଲା ।

## ୧୯ରେ ଚାଷୀଙ୍କୁ ମିଳିବ ପିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୧୭।୧୧(ମହାଭାରତ):୧୯ ତାରିଖରେ ଚାଷୀଙ୍କୁ ମିଳିବ ପିଏମ୍ କିଷାନ ଟଙ୍କା । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ଅଧୀନରେ, ପ୍ରାୟ ୯ କୋଟି ଚାଷୀଙ୍କ ନିକଟକୁ ପ୍ରାୟ ୧୮,୦୦୦ କୋଟି ଟଙ୍କାର ସମ୍ମାନ ରାଶି ମିଳିବ । ଏହି ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ବାର୍ଷିକ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି । ରାଜ୍ୟର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଆସିବ ଟଙ୍କା ।

# ୪୨ ଭାରତୀୟ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ,୧୭।୧୧(ମହାଭାରତ):**ସାଉଦି ଆରବର ମଦିନା ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଉମରା କରିବାକୁ ଯାଉଥିବା ଅନେକ ଭାରତୀୟ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଖାଇବା ଫଳରେ ବସଟି ଜଳିଯାଇଥିଲା, ଯାହା ଫଳରେ ପ୍ରାୟ ୪୨ଜଣ ଭାରତୀୟ ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି ।ସୋମବାର ସକାଳେ ମୁଫାରିହାତ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ।

ସୂଚନା ମିଳିଛି ଯେ, ବସ୍ଟି ମକ୍କାରୁ ମଦିନା ଯାଉଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ମହିଳା ଏବଂ ଶିଶୁ ସମେତ ଅନ୍ୟୂନ ୪୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ଯାତ୍ରୀ ତେଲେଙ୍ଗାନା ଏବଂ ହାଇଦ୍ରାବାଦର ଥିବା କୁହାଯାଉଛି । ଦୁର୍ଘଟଣା ସମୟରେ ବସରେ ଅନେକ ଯାତ୍ରୀ ଶୋଇଥିଲେ । ଏହି କାରଣରୁ ଯାତ୍ରୀ ବାହାରକୁ ନଆରସିପାରିବାରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା କୁହାଯାଉଛି । ବସ୍ ଦୁର୍ଘଟଣାକୁ ଦୃଷ୍ଟିରେ ରଖି, ଜେଦ୍ଦାହରେ ଥିବା ଭାରତୀୟ ଦୂତାବାସ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରିଛି । ପ୍ରାସଙ୍ଗିକ ସୂଚନା ପାଇଁ ପରିବାର ସଦସ୍ୟମାନେ ଟୋଲ୍-ଫ୍ରି ନମ୍ବର ୮୦୦୨୪୪୦୦୦୩ରେ ଯୋଗାଯୋଗ କରିପାରିବେ । ସାଉଦି ଆରବର ମଦିନା-ମକ୍କା ରାଜପଥରେ ଏକ ଦୁର୍ଘଟଣାରେ ଭାରତୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ମଦିନାରେ ଭାରତୀୟ ନାଗରିକଙ୍କ ସହିତ ହୋଇଥିବା ଦୁର୍ଘଟଣାରେ ମୁଁ ଗଭୀର ଦୁଃଖିତ । ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାରକୁ ମୋର ସମବେଦନା । ମୁଁ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ରିୟାଦରେ ଆମର ଦୂତାବାସ ଏବଂ ଜେଦ୍ଦା ସ୍ଥିତ ବାଣିଜ୍ୟ ଦୂତାବାସ ଯଥା ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଛନ୍ତି । ଆମର ଅଧିକାରୀମାନେ ସାଉଦି ଆରବ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ।'

# ଆମେ ଏକାଠି ହୋଇ ଲଢିଲୁ ଏବଂ ବିଜୟ ଲାଭ କଲୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ଦିନ ଥିଲା ସବୁ ପୋଲିଂ ବୁଥରେ ଆମର ଏଜେଂଟ ନଥିଲେ । ପରାଜୟରୁ ଶିକ୍ଷା ଗ୍ରହଣ କରି ଏବଂ ପରାଜୟର ସମୀକ୍ଷା କରି, ଆଜି ଆମେ ବିଜୟୀ ହୋଇଛୁ । ନୂଆପଡା ଉପନିର୍ବାଚନରେ ଆମେ ସମସ୍ତେ ଏକାଠି ହୋଇ ଲଢିଲୁ ଏବଂ ଐତିହାସିକ ବିଜୟ ଲାଭ କରିଲୁ । ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ନିଜ ଆସନ୍ନ ପରାଜୟର ଭୟରେ ଅନେକ ମିଛ କଥା କହି ଆମକୁ ଆକ୍ରମଣ କଲେ । ଏପରିକି ଭୋଟ ଚୋରୀ, ବେଇମାନ ଭଳି ଅପଶବ୍ଦ ମଧ୍ୟ ବ୍ୟବହାର କରିବାକୁ ପଛାଇଲେ ନାହିଁ । କିନ୍ତୁ ବିରୋଧୀଙ୍କ ମିଛ କାମ ଦେଲା ନାହିଁ ଏବଂ ନୂଆପଡାବାସୀ ସେମାନଙ୍କୁ ଉଚିତ ଜବାବ୍ ଦେଲେ । ଅପରେସନ ସିନ୍ଦୁର ଭଳି ଅପରେସନ ନୂଆପଡା ହେଲା । ନୂଆପଡାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରି ଐତିହାସିକ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇଛନ୍ତି



। ଯାହା ରାଜ୍ୟରେ ରାଜନୈତିକ ମୋଡ ବଦଳାଇ ଦେଇଛି । ବିଭୀଷଣଙ୍କ ପାଇଁ କଂଗ୍ରେସ ପରାଜୟବରଣ କରିଲା ଏବଂ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ କହିଛନ୍ତି । ଯଦି ତାହା ହୁଏ, ତାହେଲେ ୭୦ ପ୍ରତିଶତ ବିଭୀଷଣ ଥିବା କଂଗ୍ରେସ ଦଳ ସଂପୂର୍ଣ୍ଣ ମୂଳପୋଛ ହୋଇଯିବ ବୋଲି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆମେ ସଂଗଠିତ ହୋଇ ନିର୍ବାଚନ ଲଢିଲୁ । ନିର୍ବାଚନ ଏକ ଯୁଦ୍ଧ । ଯୁଦ୍ଧ ପାଇଁ ସଠିକ ରଣନୀତି ଆବଶ୍ୟକ । ରଣନୀତି ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ଯୋଜନାକୁ କାର୍ଯ୍ୟକର୍ତ୍ତାମାନେ କ୍ରିୟାନ୍ୱୟନ କରିଲେ । କାର୍ଯ୍ୟକର୍ତ୍ତାଙ୍କ ଆତ୍ମବିଶ୍ୱାସ ହିଁ ବିଜେପିକୁ ବଡ ବିଜୟ ଦେଲା । ପ୍ରଥମେ ୫ଟି ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିର୍ବାଚନ ଲଢିବାର ରଣକ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ ମନ୍ତ୍ରୀମାନଙ୍କୁ ମଣ୍ଡଳ, ବିଧାୟକମାନଙ୍କୁ ପଂଚାୟତ ଦାୟୀତ୍ୱ ପ୍ରଦାନ କରାଗଲା ।

ରାଜ୍ୟସ୍ତରରୁ ପଂଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ସ୍ଥାନରେ ଦାୟୀତ୍ୱ ଦିଆଗଲା । ଯେଉଁ କାର୍ଯ୍ୟକର୍ତ୍ତାଙ୍କୁ ଯେଉଁଠି ଦାୟୀତ୍ୱ ଦିଆଗଲା, ସେମାନେ ନିଜ ଦାୟୀତ୍ୱକୁ ସୁଚାରୁ ରୂପେ ନିର୍ବାହ କରିଲେ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାରର କାର୍ଯ୍ୟ ଓ ସଫଳତାକୁ ପ୍ରତ୍ୟେକ ଲୋକଙ୍କ ପାଖରେ ପହଂଚାଇଲେ । ନୂଆପଡାବାସୀ ଆସ୍ଥା ପ୍ରକଟ କରିଲେ । ଭୋଟଦାନର ୭ ଦିନ ପୂର୍ବରୁ ଏକପାଖିଆ ବିଜୟ ହେବ ବୋଲି ସ୍ପଷ୍ଟ ଜଣାପଡିଥିଲା । ଗତ ସାଧାରଣ ନିର୍ବାଚନରେ ତୃତୀୟ ସ୍ଥାନରେ ଥିବା ବିଜେପି ପ୍ରତି ନୂଆପଡାବାସୀଙ୍କ ବିଶ୍ୱାସ ବୃଦ୍ଧି ପାଇଲା ଏବଂ ରେକର୍ଡ ସଂଖ୍ୟାରେ ଭୋଟ ଦେଇ ଆମକୁ ପ୍ରଥମ କରିଲେ । ବିଜେପି ସରକାରର ସମସ୍ତ ମନ୍ତ୍ରୀ, ବିଧାୟକ, ସାଂସଦ, ପାର୍ଟିର ବରିଷ୍ଠ ନେତୃବୃନ୍ଦ, ସମସ୍ତ ମୋର୍ଚ୍ଚା ଓ ପ୍ରକୋଷ୍ଠର ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଉଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂପଦ ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକ, ପ୍ରଦୀପ ବଳସାମନ୍ତ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ପ୍ରମୁଖ ଯୋଗ ଦେଇଥିଲେ ।

## ବେସନ ଲଡ୍ଡୁ



**ସାମଗ୍ରୀ:**

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

**ପ୍ରଣାଳୀ:**

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡ୍ଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡ୍ଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

..... ଖବର .....

## ୫୦ ବର୍ଷ ପରେ ପ୍ରେକ୍ଷାଳୟକୁ ଫେରୁଛି 'ଶୋଲେ'



ଭାରତୀୟ ସିନେମାର କ୍ଲାସିକ୍ ଫିଲ୍ମ ଶୋଲେ ପୁଣି ଥରେ ବଡ଼ ପରଦାରେ ଧମାଲ କରିବାକୁ ଯାଉଛି । ରିଲିଜ୍ କରିବାର ପଚାଶ ବର୍ଷ ପରେ, ଏହି ଫିଲ୍ମଟି ୪କ ରେ ରିଷ୍ଟୋର ହେଉଛି ଏବଂ ସାରା ଦେଶରେ ୧୫୦୦ ସ୍କ୍ରିନରେ ରି-ରିଲିଜ୍ ହେବାକୁ ଯାଉଛି । ସବୁଠାରୁ ବଡ଼ କଥା ହଉଛି: ଫିଲ୍ମର ପ୍ରକୃତ କ୍ଲାଇମାକ୍ସ, ଯାହାକୁ ଦର୍ଶକମାନେ ଦଶନ୍ଧି ଧରି କେବଳ ଏକ କାହାଣୀ ଭାବରେ ଶୁଣି ଆସୁଛନ୍ତି, ଏବେ ପ୍ରଥମ ଥର ପାଇଁ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବ । ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଏହି ରିଷ୍ଟୋର୍ ଭର୍ସନର ନାମ ଶୋଲେ: ଦି ଫାଇନାଲ୍ କଟ୍ ରଖିଛି । ନୂତନ ଭର୍ସନରେ କେବଳ ଭିଜୁଆଲ୍ସ ଏବଂ ସାଉଣ୍ଡକୁ ଅପଗ୍ରେଡ୍ କରାଯାଇଛି ତାହା ନୁହେଁ, ବରଂ ଏଥିରେ ଫିଲ୍ମର ଅନକଟ୍ ଅରିଜିନାଲ୍ ଏଣ୍ଡିଂ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି, ଯାହାକୁ ଦର୍ଶକ କେବେ ଦେଖିନାହାଁନ୍ତି । ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ 'ଶୋଲେ' ୧୯୭୫ ମସିହାରେ ରିଲିଜ୍ କରିଥିଲା ଏବଂ ୫୦ ବର୍ଷ ପରେ, ଏହାର ୪କ ରିଷ୍ଟୋର୍ ଭର୍ସନ ୧୨ ଡିସେମ୍ବର, ୨୦୨୫ରେ ପ୍ରେକ୍ଷାଳୟରେ ଆସିବ । ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଅନୁଯାୟୀ, ମୂଳ କ୍ଲାଇମାକ୍ସରେ, ଠାକୁର ଗବ୍ବର ସିଂହଙ୍କୁ ତାଙ୍କ ପାଦ ତଳେ ଚାପି ହତ୍ୟା କରନ୍ତି । ସେ ସମୟରେ ସେନ୍ସର ବୋର୍ଡ ଏହି ସିନକୁ ଅତ୍ୟଧିକ ହିଂସାତ୍ମକ ବୋଲି ବିବେଚନା କରିଥିଲା ଏବଂ ଏହାକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଏବେ, ୫୦ ବର୍ଷ ପରେ, ଦର୍ଶକ ଏହି ସିନ୍ ଦେଖିବାର ସୁଯୋଗ ପାଇବେ । 'ଶୋଲେ' କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଭାରତୀୟ ସିନେମାର ଇତିହାସ । ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ଅମଜାଦ ଖାନ, ସଞ୍ଜୀବ କୁମାର ଏବଂ ହେମାମାଳିନୀଙ୍କ ଭଳି କିମ୍ବଦନ୍ତୀମାନଙ୍କ ଦମଦାର ଅଭିନୟ, ସ୍ମରଣୀୟ ଚରିତ୍ର, ଆଇକନିକ୍ ଡାଏଲଗ୍ ଏବଂ ଅମର ଆକ୍ସନ୍ ସିକ୍ୱେନ୍ସ ଏହାକୁ ଆଜି ମଧ୍ୟ ଦର୍ଶକଙ୍କ ପ୍ରିୟ ଫିଲ୍ମ ମଧ୍ୟରେ ରଖିଛି ।

## ଚକ୍ ବ୍ୟବହାର କରି ଦୂର ହେବ ଦାଗ ଓ ଦୁର୍ଗନ୍ଧ



ବ୍ଲାକ ବୋର୍ଡ ବା କଳାପଟାରେ ଲେଖିବା କାମରେ ବ୍ୟବହୃତ ଚକଖଡିକୁ ଆମେ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବା । ଏହାଦ୍ୱାରା ଦାଗ,ଦୁର୍ଗନ୍ଧ ଆଦିକୁ ଦୂର କରାଯାଇପାରିବ । ଆସନ୍ତୁ ଜାଣିବା,ଏହାର ଉପଯୋଗ ।

◆ ଘରର କାନ୍ଥରେ ଲାଗିଥିବା ଜିଦୀ ଦାଗକୁ ଦୂର କରିବାରେ ଚକଖଡି ବ୍ୟବହାର କରାଯାଇପାରିବ । ଦାଗ ଉପରେ ଚକକୁ ଧୀରେ ଧୀରେ ରଗଡନ୍ତୁ । ଏହାଦ୍ୱାରା କାନ୍ଥରେ ଲାଗିଥିବା ଚିହ୍ନ,ଦାଗ ଭଲ ଭାବେ ଫିକା ପଡିଯିବ ।

◆ ଆଲମିରାରେ ଅନେକ କପଡା ରହୁଥିବାରୁ ବେଳେବେଳେ ସେଥିରୁ ଦୁର୍ଗନ୍ଧ ବାହାରିଥାଏ । ଏହାକୁ ଦୂର କରିବା ପାଇଁ ଆପଣ ଫ୍ରେଶନର ଜାଗାରେ ଚକ ବ୍ୟବହାର କରିପାରିବେ ।

◆ ନମନୀୟତା ଯୋଗୁ ଅନେକ ସମୟରେ ଦେଖାଯାଏ,ରୂପା ପାତ୍ରଗୁଡିକ ନିଜ ଚମକ ହରାଇ ଦିଅନ୍ତି ଏବଂ ଧୀରେ ଧୀରେ ସେଗୁଡିକ କଳା ପଡିଯାଇଥାଏ । ଏହାର ଚମକକୁ ବଜାୟ ରଖିବା ପାଇଁ ଏକ ବଡ ଡବାରେ ରୂପା ପାତ୍ରକୁ ରଖି ସେଥିରେ ଅଳ୍ପ ଚକ୍ ଗୁଣ୍ଡ ପକାଇ ଦିଅନ୍ତୁ । ମଝିରେ ମଝିରେ ଏହାକୁ ବଦଳାଉ ଥାଆନ୍ତୁ । ଦେଖିବେ, ମାତ୍ର କିଛି ଦିନ ଭିତରେ ରୂପା ପାତ୍ର ଚମକି ଉଠିବ ।

◆ ଶାର୍ଟ କଲର ଏବଂ ହାତର ଅଗ୍ରଭାଗକୁ ସଫା କରିବା ଏକ ଚ୍ୟାଲେ ହୋଇଥାଏ । ବିଶେଷ କରି ସ୍କୁଲ ଯାଉଥିବା ପିଲାଙ୍କ ଶାର୍ଟ ଖୁବ୍ କମ୍ ଦିନରେ ମଇଳା ହୋଇଯାଇଥାଏ । ଏହାକୁ ସଫା କରିବା ପାଇଁ ଆପଣ ଚକର ସହାୟତା ନେଇପାରିବେ । ମଇଳା ହୋଇଥିବା ଜାଗାରେ ଆପଣ ଚକ୍ ରଗଡିପାରିବେ ।

◆ ଯଦି ଜଙ୍କ୍ ଫୁଡ କିମ୍ବା କୌଣସି ଚଟଣୀ ଆପଣଙ୍କ କପଡାକୁ ଖରାପ କରିଦିଏ, ତା'ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ଚକଖଡି ଦ୍ୱାରା ସହଜରେ ଦୂର କରିହେବ ।

## ପେଟ ଥଣ୍ଡା କରେ ଗୁଡ

ନିୟମିତ ଗୁଡ ସେବନ କରିବା ଦ୍ୱାରା ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ । ଏହାକୁ ଆପଣ ନିୟମିତ ଡାଏଟର ସାମିଲ କଲେ ଶରୀରକୁ ଅନେକ ଲାଭ ମିଳିଥାଏ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ଗ୍ରାମ ଗୁଡ ସେବନ କରିବା ଉଚିତ । ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢେ । ହେଲେ ଗୁଡ ଖାଇବା ଦ୍ୱାରା ଅମ୍ଳ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ ।

**ଗୁଡ ସେବନର ଫାଇଦା ସମ୍ପର୍କରେ ଜାଣନ୍ତୁ –**

ହାଡ ଶକ୍ତ ରଖେ : ଯଦି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ଦରଜ ଅନୁଭବ ହେଉଛି ତେବେ ଗୁଡ ସହିତ ଅଦା ଖାଇବା ଦ୍ୱାରା ଆପଣଙ୍କୁ ଲାଭ ମିଳିଥାଏ । କାରଣ ଗୁଡରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫୁସଫରସ ରହିଛି । ଏହି ଦୁଇଟି ତତ୍ତ୍ୱ ହାଡ ଶକ୍ତ କରିବାରେ ସହାୟତା କରେ ।

ଏନିମିଆ ରୋଗ : ଗୁଡରେ ପ୍ରଚୁର ପରିମାଣରେ ଆଇରନ ଥିବାରୁ ଏହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଏଥିସହିତ ଏନିମିୟା ରୋଗୀଙ୍କ ପାଇଁ ଗୁଡର ସେବନ ଖୁବ ଉପକାରୀ ହୋଇଥାଏ ।



ଥଣ୍ଡାକାଶ : ଗୁଡ ଗରମ ହୋଇଥିବାରୁ ଥଣ୍ଡା ଦିନରେ ଏହାକୁ ଖାଇଲେ ଶରୀରର ଉଷ୍ମ ରହିଥାଏ । ଏଥିସହିତ ଥଣ୍ଡା ଓ କାଶ ଭଳି ରୋଗରୁ ରକ୍ଷା କରିଥାଏ । ଗୁଡ ଖାଇଲେ ସଂକ୍ରମଣ ଜନିତ ରୋଗରୁ ବି ମୁକ୍ତି ମିଳିଥାଏ ।

ଗଳା ସମସ୍ୟା : କଳା ଲଙ୍କା, ଅଦା ଓ ଗୁଡକୁ ମିଶାଇ ଖାଇବା ଦ୍ୱାରା ଥଣ୍ଡା ଜ୍ୱର ଦୂର ହୁଏ । ଯଦି ଆପଣ ଗୁଡ ଓ ଅଦାକୁ ଗରମ କରି ଖାଇବେ ତେବେ ଗଳା ଜନିତ ସମସ୍ୟାରୁ ତୁରନ୍ତ ଆରାମ ମିଳିବ ।

ପେଟ ପାଇଁ ଲାଭଦାୟକ: ଯଦି ଆପଣଙ୍କର କୋଷ୍ଠକାଠିନ୍ୟ,ଗ୍ୟାସ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ । ଯଦି ଆପଣଙ୍କର ଆମ୍ବିଳା ହେକୁଟି ଆସୁଛି ତେବେ ଗୁଡ ସହିତ କଳା ଲୁଣ ମିଶାଇ ଖାଆନ୍ତୁ । ଦେଖିବେ ନିହାତି ଆରାମ ଲାଗିବ । ଖାଇବା ପରେ ଗୁଡ ଖାଇବା ଦ୍ୱାରା ହଜମ ଶକ୍ତି ବଢିବା ସହ ଭୋକ ଲାଗିଥାଏ ।

ପେଟ ଥଣ୍ଡା ରଖେ ଗୁଡ : ଖାଇବା ପିଇବା ଠିକ୍ ଭାବେ ନକଲେ ପେଟ ଗରମ ହୋଇଯାଏ । ଏହାସହ ପରିସ୍ରା ପୋଡା ଭଳି ସମସ୍ୟା ଦେଖାଦିଏ । ଏଭଳି କ୍ଷେତ୍ରରେ ଲେମ୍ବୁ ମିଶ୍ରିତ ପାଣିରେ ଗୁଡ ମିଶାଇ ପିଇଲେ ପେଟ ଥଣ୍ଡା ହୋଇଥାଏ ।

ଥଣ୍ଡା-କାଶରୁ ମୁକ୍ତି : ଥଣ୍ଡା କାଶରୁ ମୁକ୍ତି ପାଇବା ଲାଗି ଗୁଡ ଲାଭଦାୟକ । କଳା ଲୁଣ ଏବଂ ଅଦା ସହିତ ଗୁଡ ମିଶାଇ ଖାଇଲେ ଥଣ୍ଡା କାଶରୁ ଆରାମ ମିଳିଥାଏ । ଯଦି କାଶ ଲାଗିରହେ ତେବେ ଗୁଡ ଖାଇବା ଉଚିତ । ଗୁଡ ସହିତ ଅଦା ମିଶାଇ ଗରମ କରି ଖାଇବା ଦ୍ୱାରା ଗଳା ଠିକ୍ ଲାଗିଥାଏ ।

## ଶିବଙ୍କ ୫ ମୁଖ୍ୟ ରହସ୍ୟ, ପ୍ରତ୍ୟେକ ଶିବଭକ୍ତ ଜାଣିବା ଉଚିତ



■ ଶିବଙ୍କ ବେକରେ ସାପ : ଶିବଙ୍କ ମଧ୍ୟରେ ପରସ୍ପର ବିରୋଧୀ ଭାବର ସାମଞ୍ଜସ୍ୟ ଦେଖିବାକୁ ମିଳେ । ଶିବଙ୍କ ମସ୍ତକରେ ଗୋଟିଏ ପଟେ ଚନ୍ଦ୍ର ଥିବାବେଳେ ଅନ୍ୟପଟେ ମହା ବିଷଧର ସାପ ବିଷଧର ସାପ ଶିବଙ୍କ ବେକରେ ହାର ଭଳି ଗୁଡେଇ ହୋଇ ରହିଥାଏ । ଭଗବାନ ଶିବଙ୍କ ବେକରେ ଗୁଡେଇ ହୋଇଥିବା ସାପ ହେଲେ ନାଗରାଜା ବାସୁକୀ । ବାସୁକୀ ନାଗ କଶ୍ୟପ ଋଷିଙ୍କ ପୁତ୍ର ଥିଲେ । ସେ ଶିବଙ୍କ ପରମ ଭକ୍ତ ବୋଲି କୁହାଯାଏ ।

■ ଶିବଙ୍କ ମସ୍ତକରେ ଚନ୍ଦ୍ରମା : ଶିବଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଏ । ଏହାକୁ ନେଇ ମଧ୍ୟ ଏକ ବିଶ୍ୱାସ ରହିଛି । ମହାରାଜା ଦକ୍ଷ ଚନ୍ଦ୍ରମାଙ୍କୁ କ୍ଷୟ ରୋଗର ଅଭିଶାପ ଦେଇଥିଲେ । ଏହି ରୋଗରୁ ବଞ୍ଚିବା ପାଇଁ ଚନ୍ଦ୍ରମା ଭଗବାନ ଶିବଙ୍କୁ ଆରାଧନା କରିଥିଲେ । ଚନ୍ଦ୍ରମାଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ଏବଂ ତାଙ୍କ ସୁରକ୍ଷା ପାଇଁ ଶିବ ଚନ୍ଦ୍ରମାଙ୍କୁ ନିଜ ମସ୍ତକରେ ଧାରଣ କରିଥିଲେ ।

■ ଶିବଙ୍କ ଆଭୂଷଣ ଭସ୍ମ : ଭଗବାନ ଶିବ ଅନ୍ୟ ଭଗବାନଙ୍କ ଭଳି ଆଭୂଷଣ ଧାରଣ କରନ୍ତିନି । ଆଭୂଷଣ ବଦଳରେ ସେ ନିଜ ଶରୀରରେ ଭସ୍ମ ବୋଲି ହୋଇଥାନ୍ତି । ଶିବଙ୍କ ଅଭିଷେକ ମଧ୍ୟ ଭସ୍ମରେ ହୋଇଥାଏ । ଶିବ ସଂସାରର ଆକର୍ଷଣ ଠାରୁ ବହୁ ଦୂରରେ ମୋହ ମାୟା ତାଙ୍କ ପାଇଁ ଭସ୍ମ ଠାରୁ ଅଧିକ ନୁହେଁ ।

■ ଶିବଙ୍କ ତ୍ରିନେତ୍ର: ମହାଦେବଙ୍କର ତିନିଟି ନେତ୍ର । ସେଥିପାଇଁ ତାଙ୍କୁ ତ୍ରିନେତ୍ର ମଧ୍ୟ କୁହାଯାଏ । ସେ ଯେତେ ବେଳେ ନିଜର ତୃତୀୟ ନୟନ ଖୋଲନ୍ତି ସେତେବେଳେ ସାରା ସଂସାରର ବିନାଶ ହୋଇଯାଏ । ସୃଷ୍ଟିର ବିନାଶ ପାଇଁ ସେ ନିଜର ତୃତୀୟ ନୟନ ପ୍ରୟୋଗ କରିଥାନ୍ତି । ଶିବଙ୍କୁ ତୃତୀୟ ନୟନ କିଭଳି ମିଳିଥିଲା ସେହି ରହସ୍ୟ ବହୁତ ଲୋକ ଜାଣିନଥାନ୍ତି । ପୌରାଣିକ କଥା ଅନୁସାରେ, ଥରେ ହିମାଳୟରେ ଭଗବାନ ଶିବ ଏକ ସଭା କରୁଥିଲେ । ଏହି ସଭାରେ ସମସ୍ତ ଦେବତା, ଋଷି, ଜ୍ଞାନିଜନ ସାମିଲ ଥିଲେ । ସେତେବେଳେ ମାତା ପାର୍ବତୀ ଆସିଥିଲେ ଏବଂ ନିଜ ମନୋରଞ୍ଜନ ପାଇଁ ନିଜ ପାପୁଲିରେ ଶିବଙ୍କ ଆଖିକୁ ଢାଙ୍କି ଦେଇଥିଲେ । ମାତା ପାର୍ବତୀ ଯେମିତି ଶିବଙ୍କ ଆଖିକୁ ଢାଙ୍କିଦେଲେ । ସାରା ସଂସାରରେ ଅନ୍ଧାର ଛାଇ ଗଲା । ଏହାପରେ ସଂସାରର ଜୀବଜନ୍ତୁଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ସଂସାରର ଏହିଭଳି ଦଶା ସେ ଦେଖିପାରିଲେ ନାହିଁ ଏବଂ ନିଜ ମସ୍ତକରେ ଏକ ଜ୍ୟୋତିଃପୁଞ୍ଜ ପ୍ରକଟ କରିଥିଲେ । ଯାହା ଶିବଙ୍କ ତୃତୀୟ ନୟନ ହୋଇଥିଲା ।

■ ତାଣ୍ଡବ ନୃତ୍ୟ : ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟକୁ ନେଇ ଅଧିକାଂଶ ଲୋକ ପୁରା ରହସ୍ୟ ଜାଣିନଥାନ୍ତି । ଅଧିକାଂଶ ଲୋକ ଭାବନ୍ତି ତାଣ୍ଡବ ନୃତ୍ୟ ଭଗବାନ ଶିବଙ୍କ କ୍ରୋଧ ସହ ଜଡିତ ରୌଦ୍ର ତାଣ୍ଡବ କରୁଥିବା ଶିବଙ୍କ ଆଉ ଏକ ନାମ ରୁଦ୍ର କିନ୍ତୁ ଶିବଙ୍କ ଆଉ ଏକ ତାଣ୍ଡବ ନୃତ୍ୟ ଆନନ୍ଦ ପ୍ରଦାନ ମଧ୍ୟ କରିଥାଏ । ଏହାକୁ ଆନନ୍ଦ ତାଣ୍ଡବ କୁହାଯାଏ । ଆନନ୍ଦ ତାଣ୍ଡବ କରୁଥିବା ଶିବଙ୍କୁ ନଟରାଜ କୁହାଯାଏ ।



## ଚେହେରାରେ ଚମକ ଆଣିଥାଏ ବିରିଡାଲି ଫେସପ୍ୟାକ୍

ଭାରତୀୟ ଭୋଜନରେ ଡାଲିର ବେଶ ମହତ୍ତ୍ୱ ରହିଥାଏ । ଏଥିରେ ଥିବା ଭିଟାମିନ ଏବଂ ପ୍ରୋଟିନ ଶରୀର ପାଇଁ ବେଶ ଲାଭକାରୀ ହୋଇଥାଏ । ଆପଣ ନିଜ ଚେହେରାରେ ବିରି ଡାଲିକୁ ଏମିତି ଭାବେ ବ୍ୟବହାର କରିପାରିବେ, ଫଳରେ ଏହା ଚେହେରାରୁ ସୁନ୍ଦରତା ବଜାୟ ରଖିବାରେ ସାହାଯ୍ୟ କରିଥିଲେ । ଆସନ୍ତୁ, ଜାଣିବା କେମିତି ବ୍ୟବହାର କରିବେ ବିରି ଡାଲି..





ଟୋନିଂ କରିବା ପାଇଁ : ବିରି ଡାଲିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଥାଏ । ଟ୍ୟାନ୍ରୁ ରକ୍ଷା ପାଇବା ପାଇଁ ଆପଣ ଏହାକୁ ବ୍ୟବହାର କରିପାରିବେ । ୧/୨ କପ ଡାଲିକୁ ରାତିସାରା ପାଣି ଭିଜାଇ ଦିଅନ୍ତୁ । ସକାଳୁ ଉଠି ଏହାକୁ ପେଷ୍ଟ କରିଦିଅନ୍ତୁ । ଏଥିରେ ୧/୨ ଚାଉଳ ଗୁଣ୍ଡ ମିଶାଇ ଏବଂ ଚାମଚ ଲେମ୍ବୁ ଚୁପୁଡିଦିଅନ୍ତୁ । ଏହାକୁ ଏକାଠି ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ଧୋଇଦିଅନ୍ତୁ ।

ତ୍ୱଚାରୁ ଦାଗ ଦୂର କରିବା ପାଇଁ : ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଦାଗ ଦୂର କରିବାରେ ବେଶୀ ପ୍ରଭାବୀ ହୋଇଥାଏ । ଏହା ତ୍ୱଚାରେ ହେଲଥି ଗ୍ଲୋ ଆଣିଥାଏ । ୧/୨ କପ ବିରି ଡାଲିକୁ ରାତିରେ ଭିଜାଇ ସକାଳୁ ପେଷ୍ଟ କରିଦିଅନ୍ତୁ । ଏଥିରେ ଏକ ଚାମଚ ଚାଉଳ ପେଷ୍ଟ ମିଶାଇ ଭଲଭାବେ ପେଷ୍ଟ କରି ଲେମ୍ବୁ ରସ ମିଶାଇ ଦିଅନ୍ତୁ ।

ନଗରନକ୍ସା
ମହାନଗରର ନିଜ ଭାଷା
ମଙ୍ଗଳବାର, ୧୮ ନଭେମ୍ବର, ୨୦୨୫


# ପୋଲିସ ଅଧିକାରୀ ମହିଳା କ୍ଲବର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୧୧ (ମହାଭାରତ): କଟକସ୍ଥିତ ତୁଳସୀପୁର ପୋଲିସ କଲୋନୀଠାରେ ଶୁକ୍ରବାର ଓଡିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ୨୫ ତମ ବାର୍ଷିକ ଉତ୍ସବ ତଥା ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କ୍ଲବ ଦୀର୍ଘ ୨୫ ବର୍ଷ ଧରି ସେବା, ସମ୍ପର୍କ ଓ ସାମାଜିକ ଦାୟିତ୍ୱବୋଧର ଉଦାହରଣ ସୃଷ୍ଟି କରିବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରକୁ କଟକ- ଭୁବନେଶ୍ୱର ମଧ୍ୟରେ ସୀମିତ ନ ରଖି ସମସ୍ତ ଜିଲ୍ଲା ଓ ବାଟାଲିୟନରେ କାର୍ଯ୍ୟକ୍ଷମ କରାଯିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ନିଜ ଅଭିଭାଷଣରେ ଡିଜିପି କହିଥିଲେ। ଏହା ସହ ପୋଲିସ କଲୋନୀରେ ବସବାସ କରୁଥିବା ପିଲାଙ୍କର ଦକ୍ଷତା ବିକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଏହାସହ ବିଭିନ୍ନ କଲ୍ୟାଣ ମୂଳକ



କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିନୟତୋଷ ମିଶ୍ର, ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ଯୋଗ ଦେଇ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ସମାଜ ପ୍ରତି ଥିବା ମହନୀୟ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ନାଚ, ଗୀତ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଆୟୋଜନ କରି ଛୋଟ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ), ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିବାର କଲ୍ୟାଣ କେନ୍ଦ୍ର କ୍ଲବର ସଭାପତି ଶ୍ରୀମତୀ ରୁଚିରା ଖୁରାନିଆ ପୋଲିସ ପରିବାର କଲ୍ୟାଣ କେନ୍ଦ୍ରର ଆଭିମୁଖ୍ୟ ଏବଂ ଆଗାମୀ ଦିନର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡିଶା ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ସମ୍ପାଦକ ସୋନାଲୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ରର ସମ୍ପାଦକ ଶ୍ରୀମତୀ ସବିତା ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ।

# ବିକାଶ ହିଁ ବିଶ୍ୱାସ ଓ ପ୍ରଗତିର ନନ୍ଦିଘୋଷ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଆଜି ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ଦିନ। ବିହାର ନିର୍ବାଚନରେ ଇତିହାସ ସୃଷ୍ଟି ହୋଇଛି ଏବଂ ନୂଆପଡା ଉପନିର୍ବାଚନରେ ମଧ୍ୟ ଇତିହାସ ସୃଷ୍ଟି ହୋଇଛି। ନୂଆପଡାବାସୀ ବହୁଳ ସଂଖ୍ୟାରେ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କରିଥିବାରୁ ସର୍ବପ୍ରଥମେ ନୂଆପଡାବାସୀଙ୍କୁ ଧନ୍ୟବାଦ ଜଣାଉଛି । ଆଜିର ଏହି ଫଳାଫଳ ରାଜ୍ୟରେ ରାଜନୈତିକ ମୋଡ ବଦଳାଇଛି । ଆଜିର ଐତିହାସିକ ବିଜୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାଦାୟୀ ନେତୃତ୍ୱ ସହିତ ଆମ ସରକାରର ଜନକଲ୍ୟାଣକାରୀ ଯୋଜନା ଏବଂ ସ୍ୱଚ୍ଛ ଶାସନ ଓ ପ୍ରଶାସନକୁ ପ୍ରତିଫଳିତ କରୁଛି ବୋଲି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବିଜୟ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆଜିର ନିର୍ବାଚନ ନୂଆପଡା ବିକାଶ ପାଇଁ ଭୋଟ୍ । ବିକାଶ ହିଁ ବିଶ୍ୱାସ ଓ ବିକାଶ ହିଁ ପ୍ରଗତିର ନନ୍ଦିଘୋଷ। ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଢିବାରେ ନୂଆପଡାବାସୀ ଭାଗିଦାରୀ ହୋଇଛନ୍ତି । ଲୋକଙ୍କ ସରକାରରେ ଗତ ୧୬ ମାସ ଧରି ସ୍ୱଚ୍ଛ ଶାସନ ଓ ଓଡିଶାର ବିକାଶକୁ ତ୍ୱରାନ୍ୱିତ କରିବାରେ ଡବଲ ଇଂଜିନ ସରକାର ସଫଳ ହୋଇଛି । ଟ୍ରିପଲ ଇଂଜିନ ସରକାର ଗଢିବା ପାଇଁ ଆମେ ଯେଉଁ ଆହ୍ୱାନ ଦେଇଥିଲୁ, ସେଥିରେ



ନୂଆପଡାବାସୀ ସାମିଲ ହୋଇଛନ୍ତି। ବିଜେପି ସରକାରରେ ହିଁ ନୂଆପଡାର ବିକାଶ ହେବା ବୋଲି ନୂଆପଡାବାସୀ ବୁଝିପାରିଛନ୍ତି । ମିଥ୍ୟା ପ୍ରଚାର ଓ ମିଥ୍ୟା ସ୍ୱପ୍ନର ଚିତ୍ରକୁ ଦେଖି ବାଟବଣା ହେବାର ସମୟର ଯୁଗ ଶେଷ ହୋଇଛି ବୋଲି ଆଜି ନୂଆପଡାବାସୀ ପ୍ରମାଣିତ କରିଛନ୍ତି। ବିଜେପିର ଏହି ଐତିହାସିକ ବିଜୟ ପାଇଁ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ ରାଜ୍ୟ ସରକାରଙ୍କ ବିକାଶର ଏଜେଣ୍ଡା ଏବଂ ଦ୍ୱିତୀୟଟି ହେଉଛି ଦିବଙ୍ଗତ ବିଧାୟକ ସ୍ୱର୍ଗତଃ ରାଜେନ୍ଦ୍ର ଭାଇ ଢୋଲକିଆଙ୍କ ଆତ୍ମାକୁ ଅପମାନ। ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରିବାରକୁ ବେଇମାନର ଆଖ୍ୟା ଦେଇ କୁଠାରଘାତ କରାଗଲା । ପ୍ରକୃତରେ କିଏ କାହା ସହ ବେଇମାନୀ କରିଛି, ତାର ଜବାବ୍ ନୂଆପଡାବାସୀ ଭୋଟ ମାଧ୍ୟମରେ ଦେଇଛନ୍ତି। ନୂଆପଡା ଉପନିର୍ବାଚନ ଫଳାଫଳକୁ ନେଇ ମୋର କିମ୍ବା ଆମ ଦଳର କୌଣସି ସନ୍ଦେହ ନଥିଲା। ବାସ୍ତବରେ ଏହି ନିର୍ବାଚନ ଦ୍ୱିତୀୟ ସ୍ଥାନ ହାସଲ ପାଇଁ ଲଢେଇ ଥିଲା।

# ସମବାୟ ସପ୍ତାହ ଉପଲକ୍ଷେ ଗଣଦୌଡ଼



ଭୁବନେଶ୍ୱର,୧୭।୧୧ (ମହାଭାରତ): ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ (୧୪-୨୦ ନଭେମ୍ବର, ୨୦୨୫) ଉପଲକ୍ଷେ ଏକ ସଚେତନତା ଗଣଦୌଡ଼ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼କୁ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାମ ମନ୍ଦିର ଛକସ୍ଥିତ ସେଣ୍ଟ ଜୋସେଫ୍ ସ୍କୁଲଠାରୁ ସମବାୟ ଭବନ ପର୍ଯ୍ୟନ୍ତ ଏହି ସଚେତନତା ଗଣଦୌଡ଼ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ସମବାୟ ୟୁନିୟନର ସଭାପତି ପ୍ରବାସିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଓସମା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା, ବରିଷ୍ଠ ସମବାୟବିତ୍, ସମବାୟ ସଂସ୍ଥା ଗୁଡ଼ିକର ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସମବାୟ ସପ୍ତାହ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଗୃହମନ୍ତ୍ରୀ ତଥା ଦେଶର ପ୍ରଥମ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ସମବାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଆଗାମୀ ଦିନରେ ପଂଚାୟତର କୃଷି ସମବାୟ ସମିତି ଅଂଚଳ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ୭୨ତମ ଜାତୀୟ ସମବାୟ ସପ୍ତାହ ପାଳନ ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସମବାୟ ସପ୍ତାହର ପ୍ରଥମ ଦିବସରେ ଶ୍ରୀ ସାମଲ ସମବାୟ ପତାକା ଉତୋଳନ କରି କହିଥିଲେ ଯେ, ସମବାୟ ସମିତିରେ ୨୫ଟି ସାମଗ୍ରୀର ବାଣିଜ୍ୟ ବ୍ୟବସାୟ ହେବ। ଏଥିସହ ସମିତିର ଉନ୍ନତି କରାଯିବ। ସ୍ଥାନୀୟ ଜନସାଧାରଣ ଏହାର ଲାଭ ପାଇପାରିବେ। ଏହି ସମବାୟ ସଂସ୍ଥାକୁ ବିଗତ ଦିନରେତତ୍କାଳୀନ ସରକାର ଲୁଣ୍ଠନ କରି ଦୁର୍ନୀତିର ଗନ୍ତାଘର କରିଥିଲେ। ମାତ୍ର ବିଜେପି ସରକାର ଆସିବା ପରେ ଉକ୍ତ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି।

ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏଥିରେ ଯୋଗଦେଇ କହିଛନ୍ତି ଯେ, ଓଡିଶାର ପ୍ରତ୍ୟେକ ପଂଚାୟତରେ ଗୋଟିଏ ବହୁମୁଖୀ କୃଷି ସମବାୟ ସମିତି ଗଠନ କରିବା ପାଇଁ ବିଜେପି ସରକାରଙ୍କ ଅଗ୍ରସର ହୋଇଛନ୍ତି। ସମବାୟ ସମିତିରେ ସ୍ୱଚ୍ଛତା ଆଣିବା ପାଇଁ ଦୀର୍ଘଦିନରୁ ସମିତି ସଂପାଦକମାନେ ଦାବି କରୁଥିଲେ। ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରି "କମନ୍ କ୍ୟାଡର୍ ରୁଲ୍ ?" ପ୍ରଚଳନ କରିବାକୁ କହୁଥିଲେ। ବିଜେପି ସରକାର ଜିଲ୍ଲାସ୍ତରରେ ଏହାକୁ କ୍ରିୟାନ୍ୱୟନ କରିସାରିଛି । ଖୁବ୍ ?ଶୀଘ୍ର କର୍ମଚାରୀମାନଙ୍କୁ ତାର ସୁଫଳତା ମିଳିବ। ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ଏଥିରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମବାୟ ମନ୍ତ୍ରୀ ଡଃ ଅରବିନ୍ଦ ଢାଲି ଓ ସମୀର ରଞ୍ଜନ ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସମବାୟବିତ୍ ଯଜ୍ଞେଶ୍ୱର ବାବୁ, ସୁଦର୍ଶନ ନାୟକ, ଡଃ. ହରିକୃଷ୍ଣ ମିଶ୍ର, ଅକ୍ଷୟ ମହାନ୍ତି, ଶେଷଦେବ ମେହେର, ସତ୍ୟବାନ ଜେନା, ଶ୍ରୀଧର ବେହେରା, ପ୍ରତାପ ସାମଲ ପ୍ରମୁଖ ଯୋଗଦେଇଥିଲେ।

# ସୋଆ ଜାଗୋ କ୍ଲବ୍ ପକ୍ଷରୁ ଶିଶୁଦିବସ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଶିଶୁମାନେ ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ ନାଗରିକ। ତେଣୁ ପ୍ରତ୍ୟେକ ଶିଶୁକୁ ସ୍ନେହ ପ୍ରଦାନ କରିବା ସହ ଏକ ସୁରକ୍ଷିତ ପରିବେଶ ଓ ଉପଯୁକ୍ତ ଶିକ୍ଷା ଗ୍ରହଣ ନିମନ୍ତେ ସମସ୍ତ ସୁଯୋଗ ଦେବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ। ସୋଆ ବିଶ୍ୱବିଦ୍ୟାଳୟର ସାମାଜିକ ଅନୁଷ୍ଠାନ ଜାଗୋ କ୍ଲବ୍ ପକ୍ଷରୁ ଶୁକ୍ରବାର ଶିଶୁଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ ଉପସଭାପତି ଶ୍ରୀମତି ଦାସ କହିଥିଲେ ଯେ, ପ୍ରତ୍ୟେକ ବର୍ଷ ନଭେମ୍ବର ୧୪ ତାରିଖକୁ ସାରା ଦେଶ ଶିଶୁ ଦିବସ ଭାବରେ ପାଳନ କରିଥାଏ।

ନଭେମ୍ବର ୧୪ ତାରିଖ ହେଉଛି ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମଦିନ। ପଣ୍ଡିତ ନେହେରୁ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ ତେଣୁ ତାଙ୍କୁ ପିଲାମାନେ ଚାଚା ନେହେରୁ ବୋଲି ମଧ୍ୟ ସ୍ନେହରେ ଡାକୁଥିଲେ। ଶିଶୁମାନଙ୍କର ଏହି ବିଶେଷ ଦିବସକୁ ପାଳନ କରିବା ନିମନ୍ତେ ଆମେ ସମସ୍ତେ ଏକତ୍ରିତ ହୋଇଛୁ ବୋଲି ଶ୍ରୀମତି ଦାସ କହିଥିଲେ। ଶ୍ରୀମତି ଦାସ ନିଜ ଅଭିଭାଷଣରେ କହିଥିଲେ ଯେ ଏହି ଅନୁଷ୍ଠାନ ଦୀର୍ଘ ୧୮ ବର୍ଷ ହେବ ସମାଜର ଅବହେଳିତ ଓ ନିଷ୍ପେସିତ ବର୍ଗର ଶିଶୁମାନଙ୍କର ପୋଷଣ, ଶିକ୍ଷା ଓ କଳାତ୍ମକ ଅଭିବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ କରିଆସୁଛି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଜାଗୋ ଏକ ଜାଗରଣ ଭାବେ ଉଭା ହେବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର ଏହି ସାମାଜିକ ଅନୁଷ୍ଠାନ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ଉନ୍ନତି ସମ୍ଭବ ହୋଇପାରୁଛି ବୋଲି କୁଳପତି କହିଥିଲେ। ସୋଆର ସବୁ ଅନୁଷ୍ଠାନର ଛାତ୍ରଛାତ୍ରୀ ଜାଗୋ ସହ ଜଡିତ ହୁଅନ୍ତୁ ବୋଲି ପ୍ରଫେସର ନନ୍ଦ ଉପଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରି ସାଇନସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ର ଡିନ୍ (ଇନ୍‌ଚାର୍ଜ) ପ୍ରଫେସର କାର୍ତିକ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ଓଡ଼ିଶା ମଣ୍ଡପ' ଉଦଘାଟିତ

ଭୁବନେଶ୍ୱର,୧୭।୧୧ (ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ସାଜିଛି 'ଓଡ଼ିଶା ମଣ୍ଡପ'। ଶୁକ୍ରବାର ଦିନ ଏହାକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ 'ଓଡ଼ିଶା ମଣ୍ଡପ'ର ଆକର୍ଷଣୀୟ ଡିଜାଇନକୁ ପ୍ରଶଂସା କରିଥିଲେ।

''ଏଥର 'ଓଡ଼ିଶା ମଣ୍ଡପ' ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ରାଜ୍ୟର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ସାଙ୍ଗକୁ କୃଷି, ଶିଳ୍ପ ଓ ବାଣିଜ୍ୟ ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହେଉଛି। ଓଡ଼ିଶାର ଅନନ୍ୟ ହସ୍ତତନ୍ତ ଓ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ ଏହି ବାଣିଜ୍ୟ ମେଳାରେ ପ୍ରଦର୍ଶନ କରାଯାଉଛି। ଓଡ଼ିଶା ସବୁବେଳେ ମହିଳା ଶକ୍ତିଙ୍କୁ ଗୁରୁତ୍ୱ ଦେଇ ଆସୁଛି। ଚଳିତ ବର୍ଷ ଏହି ମେଳାର ବିଭିନ୍ନ ଷ୍ଟଲରେ ମହିଳାଙ୍କ ଉପସ୍ଥିତି ଏକଥାକୁ ପ୍ରମାଣିତ କରୁଛି,'' ଓଡ଼ିଶା ମଣ୍ଡପ ଉଦଘାଟନ ଅବସରରେ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା।



ନୂଆଦିଲ୍ଲୀରେ ନଭେମ୍ବର ୧୪ରୁ ୨୭ ତାରିଖ ଯାଏଁ ଚାଲିବ 'ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'। ଏଥର ଭାରତ ମଣ୍ଡପମର ହଲ୍ ନମ୍ବର-୪ରେ ସ୍ଥାନ ପାଇଛି 'ଓଡ଼ିଶା ମଣ୍ଡପ'। ଏ ବର୍ଷର ଥିମ୍ ରହିଛି 'ଏକ ଭାରତ ଶ୍ରେଷ୍ଠ ଭାରତ'।

ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଉତ୍କଳୀୟ ସ୍ଥପତ୍ୟ କଳାର ନିଦର୍ଶନ ହେଉଛି ଶ୍ରୀମନ୍ଦିର। ଏଥର ଓଡ଼ିଶା ମଣ୍ଡପର ମୁଖ୍ୟ ପ୍ରବେଶ ଦ୍ୱାରରେ ଶ୍ରୀମନ୍ଦିର ସିଂହଦ୍ୱାର ଆକୃତିର ତୋରଣ ଶୋଭାପାଉଛି। ସେହିପରି ଆଉ ଏକ ପ୍ରବେଶପଥରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦର୍ଶାଉଥିବା 'ବୋଇତ' ଆକୃତିର ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଓଡ଼ିଶା ମଣ୍ଡପ ଭିତରେ ଧଉଳିର ଶାନ୍ତିସ୍ତୂପ ଓ ଢୋକ୍ରା କାରିଗରି ସାଙ୍ଗକୁ ଆଧୁନିକ ଜାହାଜର ପ୍ରତିରୂପ ଦେଶ ବିଦେଶର ଦର୍ଶକଙ୍କୁ ଆକର୍ଷିତ କରୁଛି। ଓଡ଼ିଶା ମଣ୍ଡପରେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସହଯୋଗୀ ସଂସ୍ଥା ପକ୍ଷରୁ ମୋଟ ୨୮ଟି ଷ୍ଟଲ୍ ରହିଛି। ଏଥିରେ ଅନନ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହିତ ଓରମାସ୍ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦ, ସୁଭଦ୍ରା ଶକ୍ତି ମା'ଙ୍କ ହାତ ତିଆରି ସାମଗ୍ରୀ, କୋରାପୁଟ କଫି ଏବଂ ପୁଷ୍ଟିଶସ୍ୟ ଖାଦ୍ୟ ପଦାର୍ଥ ଆଦି ସ୍ଥାନ ପାଇଛି।

ସେହିପରି 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ଅନନ୍ୟ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀର ଲାଇଭ୍ ଡେମନଷ୍ଟ୍ରେସନ ଆଉ ଏକ ଆକର୍ଷଣ ପାଲଟିଛି।

ଉଦଘାଟନୀ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅବସ୍ଥାପିତ ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ଶ୍ରୀମତୀ ରିତୁ ଅରୋରା, ଅତିରିକ୍ତ ଆବାସିକ ଆୟୁକ୍ତ ଶ୍ରୀମତୀ ସୁଚରିତା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରବୀର ସିଂ, ଓଡ଼ିଶା ମଣ୍ଡପର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ରାଜ୍ୟରେ ଏଲ୍‌ପିଜି ଯୋଗାଣକୁ ସୁବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧୧ (ମହାଭାରତ): ରାଜ୍ୟରେ ଏଲ୍‌ପିଜି ସିଲିଣ୍ଡର ଖାଉଟିମାନଙ୍କୁ ସୁବିଧାରେ ଓ ଠିକଣା ସମୟରେ ଗ୍ୟାସ ପହଂଚାଇବା ଉପରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଗୁରୁତ୍ୱାରୋପ କରିଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧକ୍ଷତାରେ ଗ୍ୟାସ କମ୍ପାନୀର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଖାଉଟିମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ପାଇଁ ସେ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିଭିନ୍ନ ସ୍ଥାନରେ ୫ କେଜିଆ ସିଲିଣ୍ଡର ବିନା ସୁରକ୍ଷା ଗ୍ୟାରେଂଟିରେ ବିକ୍ରୟ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିବାରୁ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ବ୍ୟବଧାନରେ ଗ୍ୟାସ ସିଲିଣ୍ଡରର କଳାବଜାରି କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଥିଲେ। ରାଜ୍ୟରେ ଯୋଗାଣ ଶୃଙ୍ଖଳକୁ ନିରବଚ୍ଛିନ୍ନ ରଖିବା ପାଇଁ ଗ୍ୟାସ କମ୍ପାନୀମାନଙ୍କୁ ପତ୍ର ଲେଖି ଯୋଗାଣର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ।

ଏହି ଅବସରରେ ଇଣ୍ଡିଆନ୍ ଅଏଲ୍‌ର ମୁଖ୍ୟ ପରିଚାଳକ ନାରୋ ଟଣ୍ଡପ, ଏଚ୍‌ପିସିଏଲ୍ ର ଡେପୁଟି ଜେନେରାଲ୍ ମ୍ୟାନେଜର ଏମ୍ ଶ୍ରୀନିବାସନ୍, ବିପିସିଏଲ୍ ର ରାଜ୍ୟ ଶାଖା ମୁଖ୍ୟ ରାଜକୁମାର ସିଂ, ଆଇଓସିଏଲ୍ ର ମୁଖ୍ୟ ପରିଚାଳକ କେ. ସି ସେଠ୍ ଏବଂ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସଲାଉଦ୍ଦିନ୍ ଖାନ୍ ଉପସ୍ଥିତ ଥିଲେ।

# ଆଳୁ କ୍ରେତା ଓ ବିକ୍ରେତା ସମ୍ମିଳନୀ

ଭୁବନେଶ୍ୱର,୧୭।୧୧ (ମହାଭାରତ): ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ପାଇଁ ବଜାରରେ ଆଳୁ ଉପଲବ୍ଧ କରାଇବା ପାଇଁ ଆଳୁ କ୍ରେତା ଓ ବିକ୍ରେତାମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶ ରାଜ୍ୟ ଉଦ୍ୟାନ କୃଷି ସମବାୟ ମାର୍କେଟିଂ ଫେଡେରେସନ୍, ଉତ୍ତରପ୍ରଦେଶ ରାଜ୍ୟ କୃଷି ଉତ୍ପାଦ ବଜାର ବୋର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ




ଓଡ଼ିଶାରେ ଉତ୍ତରପ୍ରଦେଶର ଆଳୁ ଉପଲବ୍ଧ କରାଇବା ଉପରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ରାଜ୍ୟରେ ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଆଳୁ ଯୋଗାଇଦେବା ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଆଳୁ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ଅଭାବୀ ବିକ୍ରୟକୁ ପ୍ରତିହତ କରିବା ପାଇଁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅନେକ ସମୟରେ ଆଳୁକୁ ନେଇ କ୍ରେତା ଓ ବିକ୍ରେତା ମଧ୍ୟରେ ଦ୍ୱନ୍ଦ ଉପୁଜୁଥିବାରୁ ଉତ୍ତରପ୍ରଦେଶ ଭଳି ବାହାର ରାଜ୍ୟରୁ ଆଳୁ ଆଣି ଖାଉଟିମାନଙ୍କୁ ଯୋଗାଇ ଦିଆଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଉତ୍ତରପ୍ରଦେଶ ଦେଶର ଏକ ପ୍ରମୁଖ ଆଳୁ ଉତ୍ପାଦନକାରୀ ରାଜ୍ୟ ହେବା ସହ ଦେଶର ମୋଟ ଉତ୍ପାଦନର ୩୫ ପ୍ରତିଶତ ଆଳୁ ଏଠାରୁ ଆସିଥାଏ। ଆଳୁ ଚାହିଦା ମେଣ୍ଟାଇବା ପାଇଁ ଉତ୍ତରପ୍ରଦେଶ ବ୍ୟବସାୟୀଙ୍କର ସେ ସହାୟତା ଲୋଡ଼ିଥିଲେ। ଉଭୟ ରାଜ୍ୟ ମଧ୍ୟରେ ଆଳୁ ବିପଣନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଚାଷୀ, ବ୍ୟବସାୟୀ, ରପ୍ତାନୀକାରୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ। ବୈଠକରେ ଚାଷୀମାନଙ୍କର ବିଭିନ୍ନ ଉତ୍ପାଦର ନମୁନା ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ କୃଷି ବିପଣନ ଉପନିର୍ଦ୍ଦେଶକ ସୁଗ୍ରୀବ ଶୁକ୍ଳା, ବୋର୍ଡ ଅଫ୍ ଡାଇରେକ୍ଟର ମହେନ୍ଦ୍ର ପାଲ, ଜେନେରାଲ୍ ମ୍ୟାନେଜର ଶ୍ରୀମତୀ ଧରିତ୍ରୀ ମିଶ୍ର, ଉଦ୍ୟାନ କୃଷି ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଗୀତାଶ୍ରୀ ପାଢ଼ୀ, ରାଜ୍ୟ ବିଭିନ୍ନ ସଂଘର ପ୍ରତିନିଧି ସୁଧାକର ପଣ୍ଡା, ଶକ୍ତିଶଙ୍କର ମିଶ୍ର, ଶବୀରେନ୍ ସାହୁ, ଅଲୋକ ଅଗ୍ରୱାଲ, ବିଧୂଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଶକ୍ତି ମେଳାରେ ୧୨ କୋଟିର କାରବାର

ଭୁବନେଶ୍ୱର,୧୭।୧୧ (ମହାଭାରତ): ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଅୟୋଜିତ ମହିଳା ସଶକ୍ତିକରଣର ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ଉଦଯାପିତ ହୋଇଯାଇଛି । ଏହି ଅନନ୍ୟ ଉତ୍ସବ ଓଡିଶାର ୩୦ଟି ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୩୦୦ରୁ ଅଧିକ ଷ୍ଟଲ ମାଧ୍ୟମରେ ସେମାନଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଏବଂ ବିକ୍ରୟ କରିବା ନିମନ୍ତେ ଏକ ବିଶାଳ ମ ପ୍ରଦାନ କରିଥିବା ବେଳେ ମହିଳା-ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକୁ ସୁଦୃଢ଼ କରିଛି। ହସ୍ତତନ୍ତ, ହସ୍ତଶିଳ୍ପ, ବାଉଁଶ ଶିଳ୍ପ ଠାରୁ ଆରମ୍ଭ କରି ପାରମ୍ପରିକ ଖାଦ୍ୟ, ମସଲା ଏବଂ ପରିବେଶ ଅନୁକୂଳ ଉତ୍ପାଦ ପର୍ଯ୍ୟନ୍ତ, ସୁଭଦ୍ରା ଶକ୍ତି ମେଳା ଏକ ଜୀବନ୍ତ ବଜାର ଭାବରେ ମହିଳା ଉଦ୍ୟୋଗୀମାନଙ୍କ ପ୍ରତିଭା ଏବଂ ଉଦ୍ୟୋଗିତାର ପ୍ରଦର୍ଶନ କରିଥିଲା।

# ୱାନ୍ ଷ୍ଟପ୍ ସପ୍ ହେବ ସମବାୟ ଅନୁଷ୍ଠାନ

ଭୁବନେଶ୍ୱର,୧୭।୧୧ (ମହାଭାରତ): ଅର୍ଥନୈତିକ ପ୍ରଗତି ସହ ସାମାଜିକ ପରିବର୍ତନର ଏକ ବଳିଷ୍ଠ ମାଧ୍ୟମ ହେଉଛି ସମବାୟ। ଗ୍ରାମୀଣ ଓଡ଼ିଶାର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମବାୟ ଅନୁଷ୍ଠାନକୁ ୱାନ୍ ଷ୍ଟପ୍ ସପ୍ ରେ ପରିଣତ କରିବାକୁ ପଡ଼ିବ ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି। ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ସମବାୟ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମବାୟ ପତାକା ଉତୋଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଯୋଗ ଦେଇ କହିଥିଲେ, ସମୃଦ୍ଧ ଓଡ଼ିଶାର ଇଂଜିନ୍ ଭାବେ ସମବାୟ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ତୃଣମୂଳ ସ୍ତରରେ ପ୍ରଭାବଶାଳୀ କାର୍ଯ୍ୟ କରିବା ପାଇଁ ନିଜ ଅଭିଭାଷଣରେ ସେ ଆହ୍ୱାନ କରିଥିଲେ। ନିଖିଳ ଭାରତ ସମବାୟ ସପ୍ତାହ ପାଳନ ପାଇଁ



ଚଳିତବର୍ଷର ଥିମ୍ ହେଉଛି; "ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ।" ଆମ ରାଜ୍ୟରେ ସମବାୟ କ୍ଷେତ୍ରକୁ ଆତ୍ମନିର୍ଭର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଆଲୋକପାତ କରିଥିଲେ। ରାଜ୍ୟସ୍ତରୀୟ ସମବାୟ ପତାକା ଉତୋଳନ ଉତ୍ସବରେ ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ ସପ୍ତାହ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଆଜି ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ରାଜ୍ୟ ସମବାୟ ୟୁନିୟନର ମିଳିତ ଆନୁକୂଲ୍ୟରେ ୧୪-୨୦ ନଭେମ୍ବର ପର୍ଯ୍ୟନ୍ତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ କରାଯିବ।

## ଭୋଟ ଚୋରି ଅଭିଯୋଗ

ଭୋଟ ଚୋରି କରି କେହି ଶାସନ କ୍ଷମତା ଦଖଲ କରିପାରିବ ଏକଥାକୁ ସାଧାରଣ ଜନତା ସ୍ୱୀକାର କରୁ ନାହାଁନ୍ତି। ବିହାର ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ପରେ ଯେଉଁ ଏକଜିଟ ;ପୋଲ ରିପୋର୍ଟ ପ୍ରକାଶ ପାଇଛି, ସେଥିରେ ଏନଡିଏକୁ ବହୁବତ ମିଳିବା ଏକରକମ ନିଶ୍ଚିତ ହୋଇଯାଇଛି। ଅବଶ୍ୟ ବାସ୍ତବତା କ'ଣ ହେବ ତାହା ଶୁକ୍ରବାର ଭୋଟ ଗଣତି ପରେ ଜଣାପଡ଼ିବ। ଯଦି ,ନଡିଏ ଏହି ନିର୍ବାଚନରେ ବିଜୟ ହାସଲ କରେ ତେବେ ରାହୁଲଙ୍କ ଭୋଟ ଚୋରି ଅଭିଯୋଗ ବା ତଥାକଥିତ ହାଇଡ୍ରୋଜେନ ବୋମା ବିସ୍ଫୋରଣ ନିଷ୍ଫଳ ହେଲା ବୋଲି ଧରିନେବାକୁ ପଡ଼ିବ। ଗତ କିଛି ବର୍ଷ ହେବ ଯେତେବେଳେ କୌଣସି ନିର୍ବାଚନରେ କଂଗ୍ରେସ ପରାଜିତ ହେଉଛି ସେତେବେଳେ ରାହୁଲ ଗାନ୍ଧି ଜନାଦେଶକୁ ସ୍ୱୀକାର କରିବା ପରିବର୍ତ୍ତେ ନିର୍ବାଚନରେ ଗଡ଼ବଡ଼ ଅଭିଯୋଗ କରି ଆସୁଛନ୍ତି। କେତେବେଳେ ଇଭିଏମରେ ଜାଲିଆତି ଅଭିଯୋଗ ଉଠାଉଛନ୍ତି ତ କେତେବେଳେ ଭୋଟର ତାଲିକାରେ ଅନିୟମିତତା କଥା ଉଠାଉଛନ୍ତି। ହରିୟାନା ବିଧାନସଭା ନିର୍ବାଚନରେ ପରାଜୟ ପରେ ସେ ଏହି କଥା ଉଠାଇଥିଲେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଶୋଚନୀୟ ପରାଜୟ ପରେ ସେ ପୁନର୍ବାର ଜାଲ ଭୋଟର ପ୍ରସଙ୍ଗ ଉଠାଇଲେ। ସେ ଚିନ୍ତା କରିପାରୁନାହାଁନ୍ତି ଯେ, ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଜାଲ ଭୋଟର ହେଲେ ଜଣେ ପ୍ରାର୍ଥୀ ୨୦ରୁ ୪୦ ଭୋଟରେ ଜିତିବ ? ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନରେ ଏଭଳି ଜାଲିଆତି କରିବା ଜିତିବାକୁ ହେଲେ ଅତି କମରେ କୋଟିଏ ଜାଲ ଭୋଟରଙ୍କ ଆବଶ୍ୟକତା ରହିଛି। ଏହା ଅସମ୍ଭବ। ଏବେ ବିହାର ବିଧାନସଭା ନିର୍ବାଚନରେ ମଧ୍ୟ ଅନୁରୂପ କୌଶଳରେ ବିଜେପି ଜିତିବାକୁ ଯୋଜନା କରୁଥିବା ମହିଛନ୍ତି ରାହୁଲ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିହାରରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେବ ବୋଲି ରାହୁଲ ପୂର୍ବାନୁମାନ କହୁଛନ୍ତି। ନିକଟରେ ଗୁଜରାଟରେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ଦଳରେ ରହି କେତେକ ବ୍ୟକ୍ତି ବିଜେପି ପାଇଁ କାମ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏଭଳି ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେଣ୍ଟ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା ? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେଣ୍ଟ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପତ୍ତି ନେବେ ତାହା ଚୁଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେବପିର ଏଜେଣ୍ଟ। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ।

## "‘ଆଓଗେ ଯବ ତୁମ୍ ଓ ସାଜନା...’

॥ ଅନୁପମା ଭୂୟାଁ ॥

*ଭାରତୀୟ ଶାସ୍ତ୍ରୀୟ ସଂଗୀତର ଭୀଷ୍ମ ପିତାମହ କିମ୍ବଦନ୍ତୀ ପ୍ରଖ୍ୟାତ ପଣ୍ଡିତ ଭୀମସେନ ଯୋଶୀ ନିଜେ ମଧ ସ୍ୱୀକାର କରିଥିଲେ ଯେ ଉସ୍ତାଦ ରସିଦ ହେଉଛନ୍ତି ଭାରତୀୟ ଶାସ୍ତ୍ରୀୟ ସଂଗୀତର ଶ୍ରେଷ୍ଠ ଓ ନୂଆ ଉଜ୍ଜ୍ୱଳ ସମ୍ଭାବନା। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଠାରୁ ରାମପୁର ସାହାସ୍ୱାନ ତରନାର ଆଳପ, ନାଗବିନ୍ଦୁ ସବୁକିଛିକୁ ସେ ନିଜ ସଂଗୀତର ମୂର୍ଚ୍ଛନାରେ ଏପରି ତୋଳୁଥିଲେ ଯେ ତାହା ଆକାଶରେ ଉଡୁଥିବା ମୁକ୍ତ ବିହଙ୍ଗମାନଙ୍କୁ ମଧ କିଛି କ୍ଷଣ ଅଟକାଇ ଦେଉଥିଲା।*

ଜାନୁଆରୀ ୯ ମଙ୍ଗଳବାର ଥିଲା। ସେ ଦିନ ମୋ ପୁଅର ପରୀକ୍ଷା ଥିବାରୁ ମୁଁ ବହୁତ ବ୍ୟସ୍ତ ଥିଲି। ତେବେ ସ୍ୱାମୀଙ୍କ ବ୍ୟକ୍ତିଗତ ଗଣମାଧ୍ୟମ କାର୍ଯ୍ୟାଳୟର ବୁଲେଟିନ ମୋ ପାଇଁ ଅତ୍ୟନ୍ତ ବେଦନାଦାୟକ ଓ ଅପ୍ରତ୍ୟାଶିତ ଥିଲା। କାରଣ କେଜାଣି କାହିଁ ତା ପୂର୍ବ ଦିନ ହିନ୍ଦୀ ସିନେମା 'ଯବ ଓ୍ୱିଇମେଟ୍'ର ଗୀତ ଗୁଡ଼ିକୁ ଗୁଣୁଗୁଣୁ ଥିଲି। ପ୍ରାୟ ଘରେ ସବୁବେଳେ ସଂଗୀତ ହିଁ ମୋ ଜୀବନ ହୋଇଥିବାରୁ କାମ କଲାବେଳେ ତାହା ମୋ ହୃଦୟ ଭିତରୁ ବାହାରିଗଲା ପରି ଲାଗେ। ତେବେ ସେ ଦିନର ଗଣମାଧ୍ୟମର ବୁଲେଟିନର କର୍କଶ ନାଦ ମୋ ଛାତିକୁ ରୁନ୍ଧି ଦେଇଥଲା। କାରଣ ଶାସ୍ତ୍ରୀୟ ସଂଗୀତର ସୁନାମଧନ୍ୟ ଗାୟକ ପଦ୍ମଭୂଷଣ ଉସ୍ତାଦ ରସିଦ୍ ଖାଁ ଆଉ ନାହାଁନ୍ତି। କିଛି ସମୟ ନିଜକୁ ଚୁପ ଚାପ କରିଦେଲି। ଅନେକ କେବଳ ଭାରତୀୟ ନୁହଁନ୍ତି ସଂଗୀତ ପ୍ରେମୀ ମଧ ତାଙ୍କୁ ଜାଣି ନଥିବେ। ଯେଉଁ ସମୟରେ ଭାରତୀୟ ଶାସ୍ତ୍ରୀୟ ସଂଗୀତ ସେପରି ଆଗକୁ ବଢ଼ିପାରୁ ନଥିଲା ମଞ୍ଚ ଗାୟନକୁ ମଞ୍ଚ ତଳର ଶ୍ରୋତା ସେପରି ଭଲ ପାଉନଥିଲେ ସେ କିନ୍ତୁ ଥିଲେ ଉଦ୍ଦାମ ସଂଗୀତର ଏପରି ତରୁଣ ଯିଏ କି ଶାସ୍ତ୍ରୀୟ ସଂଗୀତକୁ ଶ୍ରୋତାମଣ୍ଡଳୀ ପାଖରେ ଭାବତଲ୍ଲୀନ କରି ସେମାନଙ୍କୁ ହଜାଇ ଦେବା ପାଇଁ ବାଧ୍ୟ କରୁଥିଲେ। ତାଙ୍କର ଆଓଗେ ଯବ ତୁମ୍ ଓ ସାଜନା, ଅଙ୍ଗନା ଫୁଲ ଖିଲେଙ୍ଗେ। ବରଷେଗା ସାଓ୍ୱନ, ବରଷେଗା ସାଓ୍ୱନ.... ଝୁମ୍ ଝୁମ୍‌କେ। ତାଙ୍କର ସବୁ ସଂଗୀତର ଯାଦୁ ଘଣ୍ଟା ଘଣ୍ଟା ଧରି ବେଫିକର ଶ୍ରୋତାକୁ ବି ଅଟକାଇ ଦେଉଥିଲା ମଞ୍ଚ ପାଖରେ।

ଉତ୍ତରପ୍ରଦେଶର ବଦାୟୁନ୍ ସନ୍ନିକଟ ସାହାସ୍ୱନ ଗାଁ ପାଖ ନଈକୂଳରେ ବିଦ୍ୟାଳୟର ଖେଳଛୁଟିରେ ଛୋଟିଆ କୁହୁଡ଼ା ନଦୀ କୂଳରେ ବସି ଯେଉଁ ପିଲାଟି ସଂଗୀତର ରିଓ୍ୱାଜ କରୁଥିଲେ ସେ ଯେ ଦିନେ ଭାରତର ପ୍ରତିଥଯଶା ଶାସ୍ତ୍ରୀୟ ସଂଗୀତର ଶୀର୍ଷ ମହାନାୟକ ହେବେ ତାହା କେହି କେବେ ଭାବି ନଥିଲେ। ସେ ଥରେ ଗଣମାଧ୍ୟମକୁ ତାଙ୍କ ସାକ୍ଷାତକାରରେ କହିଥିଲେ ଘଣ୍ଟା ଘଣ୍ଟା ନଈକୂଳରେ ବସି ରିଓ୍ୱାଜ ପାଇଁ ତାଙ୍କର ଅନେକ ଶ୍ରେଣୀ ପାଠପଢ଼ାକୁ ସେ ଏକ ପ୍ରକାର ଭୁଲି ଯାଉଥିଲେ। ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଙ୍କୁ ପୁରସ୍କାର ସ୍ୱରୂପ ହାତରେ କିଛି ବେତ୍ରାଘାତ କରୁଥିଲେ। ଦୁଇ ଆଖିରୁ ଅତ୍ୟନ୍ତ କଷ୍ଟକର ଲୁହ ଝରି ପଡୁଥିଲା, ପେଟର ଜ୍ୱାଳା ଝଟପଟ କରୁଥିଲା କିନ୍ତୁ ନଈକୂଳର ରିଓ୍ୱାଜ ତାଙ୍କ ସବୁକିଛିକୁ ଏକ ଯେପରି ଅମାପ ଦିବ୍ୟଶାନ୍ତି ଦେଉଥିଲା। ସେ ବିବିସିକୁ ଏକ ସାକ୍ଷାତକାର ଦେଲାବେଳେ ତାଙ୍କ ସଂଗୀତ ସାଧନାର ଏକ ଯନ୍ତ୍ରଣାଦାୟକ ମାର୍ମିକ ଅନୁଭୂତି ବଖାଣିଥିଲେ ସେ ସମୟର ବରଦା ମହାରାଜଙ୍କ ଦରବାରର ଖ୍ୟାତନାମା ଗାୟକ ନିଶାର ହୁସେନ ଖାଁଙ୍କ ପାଖକୁ ଯାଇଥିଲେ ଶାସ୍ତ୍ରୀୟ ସଂଗୀତର ଅ, ଆ.... ଶିଖିବାକୁ। ତେବେ ପ୍ରଥମ ସାକ୍ଷାତରେ ତାଙ୍କୁ ଏକ ଅପ୍ରତ୍ୟାଶିତ ଅନୁଭୂତି ମିଳିଥିଲା। କେଜାଣି କାହିଁକି ସମ୍ଭବତଃ ପୂର୍ବରୁ ବିରକ୍ତ ଥିବା ହୁସେନ ଖାଁ ମହୋଦୟ ସମସ୍ତଙ୍କ ସାମ୍ନାରେ ତାଙ୍କୁ ପ୍ରବଳ ପ୍ରହାର କରିଥିଲେ। ଆଇ କେହି ହୋଇଥିଲେ ହୁଏତ ସେ ସେହିଦିନ ହିଁ ତାଙ୍କ ରାଗ ଦରବାରର ଆଖଡ଼ାଶାଳ ଛାଡ଼ି ଦେଇଥାନ୍ତେ କିନ୍ତୁ ଶାସ୍ତ୍ରୀୟ ସଂଗୀତକୁ ନିଜ ଜୀବନ କରିବାକୁ ପଣ କରିଥିବା ସେହି କିଶୋର ଉସ୍ତାଦ ରସିଦ୍ ସବୁକିଛି ସହି ଯାଇଥିଲେ। ପରବର୍ତ୍ତୀ ସମୟରେ ସେ ଥିଲେ ନିଶାର ହୁସେନ ଖାଁଙ୍କ ସବୁଠାରୁ ପ୍ରିୟ ଶିଷ୍ୟ। ସ୍ୱର ସାଧନାରେ ମନପ୍ରାଣ ଢ଼ାଳି ଆସିଥିଲେ ରବୀନ୍ଦ୍ର ସଂଗୀତ ଶିଖିବା ପାଇଁ କୋଲକାତା।

ଭାରତୀୟ ଶାସ୍ତ୍ରୀୟ ସଂଗୀତର ଭୀଷ୍ମ ପିତାମହ କିମ୍ବଦନ୍ତୀ ପ୍ରଖ୍ୟାତ ପଣ୍ଡିତ ଭୀମସେନ ଯୋଶୀ ନିଜେ ମଧ ସ୍ୱୀକାର କରିଥିଲେ ଯେ ଉସ୍ତାଦ ରସିଦ ହେଉଛନ୍ତି ଭାରତୀୟ ଶାସ୍ତ୍ରୀୟ ସଂଗୀତର ଶ୍ରେଷ୍ଠ ଓ ନୂଆ ଉଜ୍ଜ୍ୱଳ ସମ୍ଭାବନା। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଠାରୁ ରାମପୁର ସାହାସ୍ୱାନ ତରନାର ଆଳପ, ନାଗବିନ୍ଦୁ ସବୁକିଛିକୁ ସେ ନିଜ ସଂଗୀତର ମୂର୍ଚ୍ଛନାରେ ଏପରି ତୋଳୁଥିଲେ ତାହା ଆକାଶରେ ଉଡୁଥିବା ମୁକ୍ତ ବିହଙ୍ଗମାନଙ୍କୁ ମଧ କିଛି କ୍ଷଣ ଅଟକାଇ ଦେଉଥିଲା। ସଂଗୀତ ପ୍ରତି ନିଷ୍ଠାପରତା ଏବଂ ସୌଜନ୍ୟତାର ସେ ଥିଲେ ଏପରି ଏକ ମୂର୍ତ୍ତିମନ୍ତ ଯାଦୁକର ତାହା ଅନେକ କେହି ଜାଣି ନଥିବେ। ପଦ୍ମଶ୍ରୀ ଉପାଧି ପାଇ ବିଶ୍ୱ ବିଖ୍ୟାତ ହୋଇସାରିଥିଲେ ମଧ ହିନ୍ଦୀ ସିନେମା 'ଜବ ଓ୍ୱିଇ ମେଟ'ର ଗୀତ 'ଆଓଗେ ଯବ ତୁମ ଓ ସାଜନା'ର ଗୀତଟି ଗାଇବାକୁ ଗଲାବେଳକୁ ନିର୍ଦ୍ଦେଶକ ଇମିତିଆଜ ଅଲ୍ଲୀଙ୍କୁ ଅତି ସରଳ ଭାଷାରେ କହିଥିଲେ ମୁଁ ସିନେ ଜଗତରେ ଗାଇବାକୁ ନୂଆ ଲୋକଟି। କିପରି ଗାଇବାକୁ ହେବ ଟିକେ ମୋତେ ବୁଝାଇ ବତାଇ ଦେବେ। ଇମତିଆଜ ଅଲ୍ଲୀ ନିର୍ବାକ ହୋଇ କିଛି କ୍ଷଣ ବାକରୁଦ୍ଧ ହୋଇଯାଇଥିଲେ। କାରଣ ସେ ଥିଲେ ଉସ୍ତାଦ ରସିଦ ଖାଁଙ୍କ ଶାସ୍ତ୍ରୀୟ ସଂଗୀତର ଜଣେ ବିମୁଗ୍ଧ ଶ୍ରୋତା। ମାତ୍ର ଏଗାର ବର୍ଷ ବୟସରେ ଉସ୍ତାଦ ରସିଦ ଖାଁ ମଞ୍ଚରେ ପ୍ରବେଶ କରିଥିଲେ। ସେ ନିଜେ ସ୍ୱୀକାର କରିଛନ୍ତି ସେତେବେଳେ ମୋତେ କିଛି କାମ କରି ଘର ଚଳାଇବାକୁ ପଡୁଥିଲା। ଘରର ଥଣ୍ଡା ଚୁଲି ଆଉ ମାଆର ଶୁଖିଲା ମୁହଁ ଆଗରେ ମୋ ପେଟର ଜ୍ୱାଳାକୁ ମୁଁ ଭୁଲି ଯାଉଥିଲି। ଉସ୍ତାଦ ରସିଦ ଖାଁଙ୍କ କୋଲକାତାର ରବୀନ୍ଦ୍ର ସଂଗୀତ ହେଉ ବା ଲଣ୍ଡନର କନସର୍ଟ, ଇରାନର ମଦିନା ହଲ୍ ହେଉ ବା ନ୍ୟୁୟର୍କର ବଡ଼ ମଞ୍ଚ ସବୁଠି ସେ ରାଗ ବାଗେଶ୍ରୀ ହେଉ କି ଦେଶ, ୟମନ କି କିରଓ୍ୱାଣି ରସିଦଙ୍କ କଣ୍ଠରେ ଯିଏ ବି ଶୁଣୁଥିଲା ମଞ୍ଚ ପାଖରେ ନିରବୀ ଯାଉଥିଲା। ପଞ୍ଚାବନ ବର୍ଷ କଣ ଏକ ବୟସ। ସେଇଥିରେ ହିଁ ସେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। କେଜାଣି କାହିଁ ଏହି ଅଶୁଭ ଜାନୁଆରୀ ୯ ତାରିଖ ମୋ ଛାତିରେ ଯେଉଁ ବେଦନା ସୃଷ୍ଟି କଲା ଭଲ ଭାବେ ଅନୁଭବ କରୁଛି କୋଟି କୋଟି ଶ୍ରୋତାଙ୍କ ଛାତି କିପରି ଚିରି ହୋଇଯାଉନଥିବ। ଏକ ଝାଞ୍ଜି ପିଟା କୁହୁଡ଼ି ଶୀତୁଆ ସକାଳୁ କ'ଣ ଏପରି ଏକ ଅସମୟରେ କିଏ ମଞ୍ଚ ଛାଡ଼ିପାରେ ? ନାଁ ଆଶର ଭାଙ୍ଗିପାରେ!! ତଥାପି ଆଉ ସେ ଆଶରରେ ନାହାଁନ୍ତି। ଶାସ୍ତ୍ରୀୟ ସଂଗୀତର ଉଜ୍ଜ୍ୱଳ ସମ୍ଭାବନା ଉସ୍ତାଦ ରସିଦ ଖାଁ। ସେ ଜୀଇଁବେ ଆମ ପାଖରେ ସବୁଦିନ ପାଇଁ ତାଙ୍କ କଳାର ପ୍ରତିଟି ଝଙ୍କାର ଥିବା ଯାଏ ଏବଂ ଆମ ସମୟର ପବନ ବହୁଥିବା ଯାଏ ତାଙ୍କ କୀର୍ତ୍ତି ଯାଦୁ ସଂଗୀତର ମୂର୍ଚ୍ଛନା ଅବିରତ ଆମ କାନରେ ଆଉ ହୃଦୟରେ ତ ନିଶ୍ଚିନ୍ତ ପଡୁଥିବ। ତାଙ୍କୁ ମୋର ମଥାନତ ପ୍ରଣାମ।

'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ

## ବିଶ୍ୱତ୍ରାଣ ସତ୍ୟସାଇ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।

ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ। ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

**ଅଲିଶା ବଜାର, କଟକ**
**ଦୂରଭାଷ : ୯୩୩୭୨୪୨୯୫୫**

## ସମ୍ଭବାମି ଯୁଗେ ଯୁଗେ

॥ ବିଜୟଲକ୍ଷ୍ମୀ ଭୂୟାଁ ॥

ଶାସ୍ତ୍ରରେ କୁହାଯାଇଛି 'ବର୍ଷାଣାମ୍ ଭାରତ ଶ୍ରେଷ୍ଠଃ'। ଅର୍ଥାତ୍ ଦେଶ ମାନଙ୍କ ଭିତରେ ଭାରତ ହେଉଛି ଶ୍ରେଷ୍ଠ ଭୂମି। ଯୁଗ ଯୁଗ ଧରି ଏହି ମାଟିରେ ଅବତୀର୍ଣ୍ଣ ହୋଇଛନ୍ତି ଅନେକ ଦେବ-ଦେବୀ, ସାଧୁ-ସନ୍ଥ, ମହାପୁରୁଷ। ସାରା ଦୁନିଆକୁ ଆଲୋକିତ କରିଛନ୍ତି ନିଜର ସାଧନା ଓ ଅଲୌକିକ ଜ୍ୟୋତି ମାଧ୍ୟମରେ। ଅବତାରୀ ପୁରୁଷ ଓ ଧର୍ମଗୁରୁମାନେ ଭାରତୀୟ ଜୀବନ ଦର୍ଶନକୁ ସରଳ ଓ ସୁଗମ ଉପାୟରେ ଲୋକମାନଙ୍କୁ ଶିକ୍ଷା ଦେଇଛନ୍ତି ଶାସ୍ତ୍ର ଓ ସମ୍ଭାଷଣ ମାଧ୍ୟମରେ। ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି ଯେତେବେଳେ ପୃଥିବୀରେ ଧର୍ମର ଗ୍ଳାନି ହୁଏ ଓ ଅଧର୍ମ ବଳବତ୍ତର ହୁଏ ଦୁଷ୍ଟ ମାନଙ୍କୁ ବିନାଶ କରି ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ଭଗବାନ ପୃଥିବୀ ପୃଷ୍ଠରେ ଅବତରଣ କରନ୍ତି। ପୃଥିବୀର ଏହି ଘଡ଼ିସନ୍ଧି ସମୟରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଆନ୍ଧ୍ରପ୍ରଦେଶର ଅନନ୍ତପୁରମ୍ ଜିଲ୍ଲା ପାହାଡ ପର୍ବତ ଘେରା ପୁଟ୍ଟାପର୍ତ୍ତି ନାମକ ଏକ କ୍ଷୁଦ୍ର ଗ୍ରାମରେ ଆବିର୍ଭୂତ ହୋଇଥିଲେ। ସେ ଦିନ ଥିଲା ୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖ, କାର୍ତ୍ତିକ ମାସ ସୋମବାର କୃଷ୍ଣପକ୍ଷ ତୃତୀୟା ତିଥି, ଆର୍ଦ୍ରା ନକ୍ଷତ୍ର ଓ ବର୍ଷଟି ଥିଲା ଅକ୍ଷୟ ସଂବତ୍ସର। ଯାହାର ଅର୍ଥ ସଦାପୂର୍ଣ୍ଣ। ଜେଜେମା ଲକ୍ଷାମ୍ମା ସତ୍ୟନାରାୟଣ ପୂଜା କରୁଥିବାବେଳେ ପିଲାଟି ଜନ୍ମ ହୋଇଥିବାରୁ ପିଲାଟିର ନାମକରଣ କରାଗଲା ଶ୍ରୀସତ୍ୟନାରାୟଣ ରାଜୁ। ସତ୍ୟ ଅଟେ ପରଂବ୍ରହ୍ମ ଓ ନାରାୟଣର ଅର୍ଥ ହେଉଛି ପାଳନ କର୍ତ୍ତା। ବାବା ଯେ ଆସିଥିଲେ ମନୁଷ୍ୟଙ୍କୁ ସତ୍ୟର ମାର୍ଗ ଦେଖାଇବାକୁ ଓ ମନୁଷ୍ୟ ଭିତରେ ଥିବା ଦିବ୍ୟ ଚେତନାକୁ ଉନ୍ମିଳନ କରିବାକୁ ତାହା ଏହି ନାମ ପ୍ରତିପାଦନ କରେ। ପିଲାଦିନେ ସତ୍ୟ ଅନେକ ଅଲୌକିକ ଲୀଳା ପ୍ରଦର୍ଶନ କରୁଥିଲେ। ଗ୍ରାମବାସୀମାନେ ତାଙ୍କୁ 'ବ୍ରହ୍ମଜ୍ଞାନୀ' ବୋଲି ଡାକୁଥିଲେ। ଗ୍ରାମ ନିକଟରେ ଏକ ପାହାଡ଼ ଉପରେ ଥିବା ତେନ୍ତୁଳିଗଛରୁ ସେ ସାଙ୍ଗମାନଙ୍କୁ ଫଳ, ମଠାଇ ଇତ୍ୟାଦି ତୋଳି କରି ଦେଉଥିଲେ। ଅଦ୍ୟାବଧି ବିଦ୍ୟମାନ ସେହି ତେନ୍ତୁଳିଗଛକୁ 'କଳ୍ପବୃକ୍ଷ' ବୋଲି କୁହାଯାଏ।

୧୯୪୦ ମସିହା ଅକ୍ଟୋବର ମାସ ୨୦ ତାରିଖ ଦିନ ସତ୍ୟ ନିଜକୁ ଅବତାର ବୋଲି ଘୋଷଣା କଲେ ଓ ତାଙ୍କର ପ୍ରଥମ ଭଜନ ଶିକ୍ଷା ଦେଲେ ଯାହା ଆଜି ସମସ୍ତ ସାଇ ଭକ୍ତ ମାନଙ୍କ ମନରେ ପ୍ରତିଧ୍ୱନିତ ହେଉଛି; 'ମାନସଭଜରେ ଗୁରୁଚରଣମ୍, ଦୁସ୍ତର ଭବସାଗର ତରଣମ୍।' ଅର୍ଥାତ୍ ଆମେ ସମସ୍ତେ ଦୁସ୍ତର ଭବସାଗରରେ ପଡ଼ିଛେ। ତାହାକୁ ଅତିକ୍ରମ କରିବା ପାଇଁ ମନପ୍ରାଣ ଦେଇ ସଦଗୁରୁଙ୍କ ପଦାରବିନ୍ଦକୁ ସ୍ତୁତି କରିବା ଉଚିତ। ସେ ଆମକୁ ଜନ୍ମମୃତ୍ୟୁର ସାଗରକୁ ପାର କରାଇବେ। ଗୁରୁଗୀତାରେ ଉଲ୍ଲେଖ ଅଛି ଯେ ଗୁରୁହିଁ ସମସ୍ତ ସାଧନାର ମୂଳ। ଧ୍ୟାନମୂଳମ୍ ଗୁରୁ ମୂର୍ତ୍ତିମ୍, ପୂଜା ମୂଳମ୍ ଗୁରୁ ପଦମ୍, ମନ୍ତ୍ରମୂଳମ୍ ଗୁରୁ ବାକ୍ୟମ୍, ମୋକ୍ଷମୂମ୍ ଗୁରୁକୃପା'। ଏଥିରୁ ସ୍ପଷ୍ଟ ଜଣାପଡ଼େ ଗୁରୁ ସର୍ବଜ୍ଞାତା, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ଭଗବାନ ଶ୍ରୀସତ୍ୟସାଇ ହିଁ ସଦଗୁରୁ। ସେ ହିଁ ସତ୍ୟ, ସେ ଶିବ, ସେ ସୁନ୍ଦର। ୨୦୧୧ ମସିହା ଅପ୍ରେଲ ମାସ ୨୪ ତାରିଖରେ ସେ ଶରୀର ତ୍ୟାଗ କରିଥିଲେ। ସମଗ୍ର ଜୀବନ ମାନବ ସମାଜ କଲ୍ୟାଣ ପାଇଁ ସେ ଚିନ୍ତା କରୁଥିଲେ। ସେ ତାଙ୍କ ସମ୍ଭାଷଣ ମାଧ୍ୟମରେ ଆମ ମାନଙ୍କ ପାଇଁ ଅନେକ ଉପଦେଶ ଓ ବାର୍ତ୍ତା ଦେଇଯାଇଛନ୍ତି। ତାଙ୍କ ରଚିତ ଧର୍ମବାହିନୀ, ପ୍ରେମ ବାହିନୀ, ଧ୍ୟାନ ବାହିନୀ, ଜ୍ଞାନବାହିନୀ ଇତ୍ୟାଦି ଅନେକ ପୁସ୍ତକ ପ୍ରତ୍ୟେକ ଗୋଟିଏ ଲେଖାଏଁ ଅମୂଲ୍ୟ ଗ୍ରନ୍ଥ। ଭଗବାନ ବାବାଙ୍କର ମାନବ ସମାଜକୁ ଶ୍ରେଷ୍ଠ ଅବଦାନ ହେଉଛି ନିଷ୍କାମ ପ୍ରେମ ଓ ନିଃସ୍ୱାର୍ଥ ସେବା। ତାଙ୍କର ବାଣୀ ହେଉଛି 'ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର'। କାରଣ ପ୍ରେମ ମନୁଷ୍ୟ ଭିତରେ ଏକତ୍ୱବୋଧ ସୃଷ୍ଟି କରେ ଓ ସେବା ବ୍ୟକ୍ତିର କର୍ମଫଳ ଖଣ୍ଡନ କରିବା ସହ ଅହଂକାରକୁ ବିନାଶ କରେ। ତାଙ୍କର ଆଉ ଏକ ବାର୍ତ୍ତା 'ସାହାଯ୍ୟ କର ନିରନ୍ତର, କଦାପି ଅନିଷ୍ଟ ନକର।' ଅର୍ଥାତ୍ କାହାଠାରୁ ସାମାନ୍ୟତମ ସାହାଯ୍ୟ ପାଇଲେ କୃତଜ୍ଞ ହୁଅ ଓ ନିଜେ ଯଦି କାହାକୁ ସାହାଯ୍ୟ କରିଛ ଭୁଲିଯାଅ। କିନ୍ତୁ କାହାରି ମନରେ ଆଘାତ ଦେଲାଭଳି କଥା କୁହନାହିଁ। ବାବା ଶିକ୍ଷା ଦିଅନ୍ତି ମାନବ ସେବା ହେଁ ମାଧବ ସେବା। ଶିବଜ୍ଞାନରେ ଜୀବସେବା ହିଁ ଭଗବାନଙ୍କ ଶ୍ରେଷ୍ଠ ପୂଜା। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ 'ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କହିଁ ଖୋଜୁଛ ଈଶ୍ୱର ? ଜୀବେ ପ୍ରେମ କରେ ଯେଉଁଜନ, ସେଇ ମାତ୍ର ସେବଇ ଈଶ୍ୱର।' ଭଗବାନ ବାବା ଅବତାର ନେଇଥିଲେ ଧର୍ମ ସଂସ୍ଥାପନ କରିବାକୁ ଓ ସବୁ ଧର୍ମର ସମନ୍ୱୟ କରିବାକୁ। ସେ କହୁଥିଲେ ଧର୍ମ ପରିବର୍ତ୍ତନ କରିବାର ଆବଶ୍ୟକତା ନାହିଁ। ଏକ ହିଁ ଧର୍ମ ମାନବଧର୍ମକୁ ପାଳନ କଲେ ସେ କହୁଥିଲେ ସେ ଏ ଅବତାରରେ ଦୁଷ୍ଟ ସଂହାର ନ କରି ସଂଶୋଧନ ବା ସଂସ୍କାର କରିବା ତାଙ୍କର ଉଦ୍ଦେଶ୍ୟ। ଯାହା କେବଳ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମାଧ୍ୟମରେ ସମ୍ଭବ। ଭଗବାନ ବାବା ସ୍ଥୂଳ ଶରୀରରେ ଆମ ମାନଙ୍କ ସହିତ ନାହାନ୍ତି। ମାତ୍ର ସୂକ୍ଷ୍ମ ଶରୀରରେ ସେ ଆମ ମାନଙ୍କୁ ଜଗି ରହିଛନ୍ତି। ତାଙ୍କର ପବିତ୍ର ଜନ୍ମତିଥିରେ ପ୍ରାର୍ଥନା କରୁଛି ତାଙ୍କର ପାଦପଦ୍ମରେ ଆଶ୍ରୟ ଦେଇ ଭକ୍ତମାନଙ୍କୁ ଭବସାଗରରୁ ଉଦ୍ଧାର କରନ୍ତୁ। ଆସନ୍ତୁ ଆମ୍ଭେମାନେ ସମସ୍ତେ ସାଇ ଚରଣରେ ନିଜକୁ ସମର୍ପଣ କରି ଜୀବନକୁ ସାର୍ଥକ କରିବା।

ପ୍ଲଟ ନଂ-୧୦୮ ୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବିଦ୍ୟୁତ ବିଭାଗ ବସାଇଛି ଆଶ୍ଚର୍ଯ୍ୟ ଚକିତ ଯମ ଫାସ



ଅସ୍ତରଙ୍ଗ (ମହାଭାରତ): ଯେତେବେଳେ ବିଦ୍ୟୁତ ବିଭାଗରେ ଅପାରଗତା ସାମ୍ନା କୁ ଆସେ ସେତେବେଳେ ବିଭାଗ ତରଫରୁ ସୂଚନା ଆସେ ଆମର କୌଣସି ଦୋଷ ନାହିଁ, ଦୋଷ ଲୁଚେଇ ବାକୁ କରନ୍ତି ଅନେକ ପ୍ରୟାସ, କିଛି ମାସ ଆଗରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନରେ ମାଣ୍ଡୁକି ରେ ଜଣେ ବୃଦ୍ଧା ମଧ୍ୟରାତ୍ର ରେ ପରିସ୍ରା ପାଇଁ ଆସିଥିଲେ, ୧୧ କେଭି ତାର ଗଛ ସଂସ୍ପର୍ଶ ରେ ଆସି ଛିଣ୍ଡି ତଳେ ପଡିଥିଲା ଆଉ ଅକସ୍ମାତ ବୃଦ୍ଧା ଜଣଙ୍କ ଏହି ତାର ସଂସ୍ପର୍ଶ ରେ ଆସି ନିଜ ପରିବାର ଲୋକଙ୍କ ସାମ୍ନା ରେ ମୃତ୍ୟୁବରଣ କରିଥିଲେ। ଚଳିତ ମାସ ରେ ଅସ୍ତରଙ୍ଗ ବାହୁଡ଼ିଅ ଗ୍ରାମ ରେ ଜଣେ ୨୨ ବର୍ଷ ର ଯୁବକ ଘର ସାମ୍ନା ରେ ଗଛ ଡାଳ ସଫେଇ କରୁଥିବା ବେଳେ ୧୧ କେଭି ସଂସ୍ପର୍ଶ ରେ ଆସି ଦୁର୍ଘଟଣା ର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ, ତଥାପି ଆମ ଅଞ୍ଚଳ ରେ ବିଦ୍ୟୁତ ବିଭାଗ ଏପରି ଅପରାଗତା କାର୍ଯ୍ୟ କରୁଛି ତାହା ଭାବିବା ବି ସାଧାରଣ ରେ ଭୟ ରେ ବାତାବରଣ ସୃଷ୍ଟି କରିଛି। ଆମେ କହୁଛୁ ଅସ୍ତରଙ୍ଗ କୁହୁଡି ମୁଖ୍ୟ ସଡ଼କ ପେଟ୍ରୋଲ ପମ୍ପ ଛକ ର ୧୦୦ମିଟର ସାମ୍ନା ରେ ଏକ ବର ଗଛ ରେ ୧୧ କେଭି ବିଦ୍ୟୁତ ଇନ୍ସୁଲେଟର ମାଧ୍ୟମ ରେ ବନ୍ଧା ଯାଇଛି। ପୁଣି ଏହି ତାର କୁ କୌଣସି କେବୁଲ ମାଧ୍ୟମ ରେ ନନିଆଯାଇ ସିଧା ବନ୍ଧା ଯାଇଛି। ନିକଟରେ ଦୁଇ ଗୋଟି ପେଟ୍ରୋଲ ପମ୍ପ, ବର ଗଛ ତଳେ ଦୁଇ କ୍ଷୁଦ୍ର ବ୍ୟବସାୟୀ, ନିକଟରେ କିଛି ପରିବାର ବସବାସ କରୁଛନ୍ତି, କିପରି ଏହିଭଳି ଅସ୍ୱାଭାବିକ କାର୍ଯ୍ୟ ବିଭାଗ କରିଛି ଯିଏ କେହି ବି ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ସ୍ଥାନୀୟ ଲୋକ ଙ୍କ କହିବା କଥା ଅନେକ ସମୟ ରେ ବର୍ଷା ପବନ ହେଲେ ତାର ତାର ସଂସ୍ପର୍ଶ ରେ ଆସି ନିଆଁ ଭଳି ଭୟଙ୍କର ଭାବେ ସ୍ପାର୍କ ହୁଏ ସେତେବେଳେ ଆମେ ଦୋକାନ ଆଉ ଘରୁ ବାହାରକୁ ଚାଲି ଆସୁ, କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ କିପରି ଏହାକୁ ଦୃଷ୍ଟି ଦେଉନାହାନ୍ତି ।ଏହା ଏବେ ସାଧାରଣ ରେ ଚର୍ଚ୍ଚା ହେଉଛି, ବର୍ତମାନ ସାଧରଣ ରେ ବୁଦ୍ଧିଜୀବୀ ମାନେ ଦାବୀ କରୁଛନ୍ତି ଯେ ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ଏକ ଖୁଣ୍ଟ ବସାନ୍ତୁ ନଚେତ କେବୁଲ ସଂଯୋଗ କରି ଉକ୍ତ ସ୍ଥାନକୁ ଆଗାମୀ ବିପଦ ରୁ ସୁରକ୍ଷା ଦିଅନ୍ତୁ ।

## ଜିଲ୍ଲା ସ୍ତରୀୟ ଜନଜାତିୟ ଗୌରବ ଦିବସ-୨୦୨୫ ପାଳିତ

ଦଶପଲ୍ଲା,(ମହାଭାରତ): ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ,ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ଓ ଆଦର୍ଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ପୁର୍ତ୍ତି ଅବସରରେ ନୟାଗଡ଼ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ଉତ୍ସବ ଦଶପଲ୍ଲା ବ୍ଲକର ଟାକରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନୟାଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଏବଂ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥି ଙ୍କ ସହ କନ୍ଧମାଳ ସାଂସଦଙ୍କ ଦଶପଲ୍ଲା ବ୍ଲକ ପ୍ରତିନିଧି କିଶୋର ଦଳବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ ମାଧ୍ୟମରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା ନୟାଗଡ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ଉପବିଭାଗ ତରଫରୁ ଧରିତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ତରଫରୁ ଛେଳି ଓ କୁକୁଡା ପାଳନ ନିମନ୍ତେ ପାଞ୍ଚ ଜଣ ଚାଷୀଙ୍କୁ କାର୍ଯ୍ୟ ଦେଶ ବଣ୍ଟନ କରାଯାଇଥିଲା । ଜଙ୍ଗଲ ଜମି ଆଇନ୍ ମାଧ୍ୟମରେ ୨୧ ଗୋଟି ଗୋଷ୍ଠୀ ସମ୍ବଳ ପଟା(ଶିରୋନାମା ) ଗ୍ରାମ ଜଂଗଲ ଅଧିକାର କମିଟିକୁ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲାର ପ୍ରାୟ ଏକ ହଜାରରୁ ଅଧିକ ଜନସାଧାରଣ ଏହି ଉତ୍ସବରେ ଯୋଗ ଦେଇଥିଲେ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତ ରଞ୍ଜନ ବେହେରା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶେଷରେ ସରକାରୀ ବୁଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଏବଂ ଟାକରା ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସମବେତ ନୃତ୍ୟ ପଦର୍ଶନ କରିଥିଲେ । ସର୍ବ ଶେଷରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ପୃଷ୍ଟି ଉପସ୍ଥିତ ସମସ୍ତ ଅତିଥି, ବିଭାଗୀୟ ଅଧିକାରୀ ,ହିତାଧିକାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଢ଼ିଙ୍କିଆ ଅଞ୍ଚଳ ବୁଲି ସାଧାରଣ ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ , ଏସ୍ ପି

ଏରସମା (ମହାଭାରତ): ଏରସମା ବ୍ଲକ୍ ଅନ୍ତର୍ଗତ ଢ଼ିଙ୍କିଆ ପଞ୍ଚାୟତକୁ ଶନିବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଓ ଏସ୍ ପି ଅଙ୍କିତ ବର୍ମା ଅଚାନକ ଗସ୍ତ କରିଛନ୍ତି। ବିନା ପୂର୍ବ ସୂଚନାରେ ଢ଼ିଙ୍କିଆ ଗ୍ରାମରେ ଅଚାନକ ପହଞ୍ଚି ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ କରିଛନ୍ତି। ଜିଲ୍ଲାପାଳ ଓ ଏସ୍ ପି ପହଞ୍ଚି ସିଧା ଦଳିତ ସାହିକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଅନେକ ଭୂମିହୀନ ପରିବାର ସେମାନଙ୍କର ନିଜସ୍ୱ ଯାଗା ନଥିବା ସମ୍ପର୍କରେ ଜଣାଇଥିଲେ। ଜିଲ୍ଲାପାଳ ଗାଁ ର ଶିକ୍ଷା,ସ୍ୱାସ୍ଥ୍ୟ,ଗମନା ଗମନ ଓ ପାନୀୟ ଜଳ ପ୍ରଭୃତି ମୌଳିକ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।ଏ ସମ୍ପର୍କିତ ଜନସାଧାରଣଙ୍କ ଅଭିଯୋଗ ଶୁଣି,ଖୁବ ଶୀଘ୍ର ଏ ସମସ୍ତ ସମସ୍ୟା ଗୁଡିକର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ଜନସାଧାରଣ ପ୍ରଶାସନ ଠାରୁ ଦୂରେଇ ନରହି ପ୍ରଶାସନ ସହ ସମ୍ପର୍କ ରଖିଲେ ସବୁ ସମସ୍ୟାର ସମାଧାନ ପାଇଁ ବାଟ ଫିଟିବା ସହଜ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାପାଳସୋନାଲ ଛୋଟ ପିଲାଙ୍କ ସହ ମିଶି ସେମାନଙ୍କ ପାଠ ପଢା ଉପରେ ପଚାରି ବୁଝିଥିଲେ ଏବଂ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହିତ କିପରି ସରକାରୀ ସ୍ତରରେ କିପରି ସହାୟତା ପ୍ରଦାନ କରାଯିବ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳ ଓ ଏସ୍ ପି ଙ୍କର ଗସ୍ତକାଳରେ ଅଭୟଚନ୍ଦପୁର ଆଇ ଆଇ ସି ସମୀର କୁମାର ରାଉତ ଉପସ୍ଥିତ ଥିଲେ।ଏହି ଜନ ସମ୍ପର୍କ ସ୍ଥାପନ ସମୟରେ ଯୁବ ନେତା ରଞ୍ଜନ ବର୍ଦ୍ଧନ,ପ୍ରଶାନ୍ତ ଲେଙ୍କା,ପ୍ରଭାତ ରାଉତ , ଅକ୍ଷୟ କୁମାର ବେହେରା ଓ ହୃଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ଆମିଷ ବଜାର'ରୁ ବାହାରିଯିବେ ମାଂସ ବେପାରୀ

## ସହର ଉପକଣ୍ଠରେ ମିଳୁଥିବାରୁ ଯାଉନାହାନ୍ତି ଗ୍ରାହକ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦ ପକ୍ଷରୁ ର୍ନିମାଣ କରାଯାଇଥିବା ମାଛ ବଜାରକୁ ଚଳାଇବା ପାଇଁ ପୌର ପରିଷଦ ପକ୍ଷରୁ ବହୁ କସରତ କରିବାକୁ ପଡ଼ିଥିଲା। ବାରମ୍ବାର ଲଟେରି କରାଯିବା ସହ ଆମିଷ ବ୍ୟବସାୟୀ ମାନଙ୍କ ସମସ୍ତ ଦାବି ମୁତାବକ ର୍ନିମାଣ କାର୍ଯ୍ୟ କରାଯିବା ପରେ ଏହି ବଜାର ଖୋଲିଥିଲା। ମାତ୍ର ଏହି ବଜାର ମଧ୍ୟରେ ମାଂସ ବେପାରୀ ମାନେ ପ୍ରବଳ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ଯେହେତୁ ସହର ଉପକଣ୍ଠର ଯେଉଁ ଅଞ୍ଚଳ ଗୁଡ଼ିକ ପଞ୍ଚାୟତ ଅଧୀନରେ ଆସୁଛି ସେଠାରେ ଏବେ ବି ରାସ୍ତା ପାର୍ଶ୍ୱରେ ଉଭୟ କୁକୁଡ଼ା ଓ ଖାସୀ ମାଂସ ବିକ୍ରି ହେଉଛି। ଏଣୁ ଗ୍ରାହକ ମାନେ ସେଠାରେ ପହଞ୍ଚି ମାଂସ କିଣି ଆଣୁଥିବା ବେଳେ ସହର ଠାରୁ ଟିକେ ଦୂରକୁ ଯିବାକୁ ପସନ୍ଦ କରୁନାହାନ୍ତି। କିଛି ଦିନ ହେବ ଛାଡଖାଇ ଯାଇଥିବା ବେଳେ ଛାଡ଼ଖାଇ ସକାଳୁ ସକାଳୁ ଆମିଷ ବଜାରରେ ଜୋରଦାର୍ ଭିଡ଼ ଦେଖିବାକୁ ମିଳିନଥିଲା ବୋଲି ମାଛ ମାଂସ ବେପାରୀ ଅଭିଯୋଗ କରିଛନ୍ତି। ବିଶେଷ କରି ବିଭିନ୍ନ କିସମର ମାଛ ବିକ୍ରି ହେଉଥିବା ସ୍ଥାନରେ କାଁ ଭାଁ ଭିଡ଼ ଦେଖିବାକୁ ମିଳିଥିଲା।



ସେପଟେ ଅଧିକାଂଶ ମାଂସ ବେପାରୀଙ୍କୁ ଛାଡଖାଇ ଦିନ ବଜାରରେ ଦେଖିବାକୁ ମିଳିନଥିଲା। ଅଧିକ ବେପାର ଆଶାରେ ସେମାନେ ସହର ମଧ୍ୟକୁ କୌଣସି ଗଳିକନ୍ଦିରେ ଖୋଲାଖୋଲି ଭାବେ ଛେଳି ଓ କୁକୁଡ଼ା କାଟି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ସେମାନେ ସହର ଉପକଣ୍ଠ ପଞ୍ଚାୟତ ଗୁଡ଼ିକୁ ବାଛିଥିଲେ। ଫଳରେ ଆମିଷ ବଜାରକୁ ଖାସି ମାଂସ କିଣିବା ପାଇଁ ଆସିଥିବା ଗ୍ରାହକ ମାନେ ନିରାଶ ହୋଇ ମାଛ ନେଇ ଫେରିଯାଇଥିଲେ। କେହି କେହି ଏହି ବଜାରର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଉନାହିଁ ବୋଲି କୁହାକୁହି ହେଉଥିବା ଶୁଣିବାକୁ ମିଳିଥିଲା। ସହର ଉପକଣ୍ଠକୁ ଲାଗି ସିନ୍ଦୁରିଆ, ଲେଙ୍କୁଡ଼ିପଡ଼ା, ବଲାଙ୍ଗୀ ପାର୍କ ନିକଟରେ ଏବେ ବି ରାସ୍ତା ପାର୍ଶ୍ୱରେ ମାଂସ କଟା ହୋଇ ବିକ୍ରି କରାଯାଉଛି। ରାସ୍ତାପାର୍ଶ୍ୱରେ ଖୋଲାଖୋଲି ଭାବେ ମାଛ ଓ ମାଂସ କାଟିବା ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁ ନାହିଁ। ପୌର ପରିଷଦ ଯଦି ସହରର ରାସ୍ତା ପାର୍ଶ୍ୱରେ ବସୁଥିବା ସମସ୍ତ ଆମିଷ ବେପାରୀଙ୍କୁ ଉଠାଇବାକୁ ସମର୍ଥ ହେଲା, ତେବେ ପଞ୍ଚାୟତ ସ୍ତରରେ ଏହାକୁ ତହସିଲଦାର କାହିଁକି କାର୍ଯ୍ୟକାରୀ କରାଉ ନାହାନ୍ତି, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୩ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ ପକ୍ଷରୁ ର୍ନିମାଣ କରାଯାଇଥିବା ଏହି ଆମିଷ ବଜାରରେ ୬୦ ଜଣ ବେପାରି ବସିବା ପାଇଁ ୬୦ଟି ପିଣ୍ଡି ର୍ନିମାଣ କରାଯାଇଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଦର୍ଶ ସ୍ୱଚ୍ଛ ମାଛ ବଜାର ଯୋଜନା ସମ୍ପୂର୍ଣ ବିଫଳ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ପୌର ର୍ନିବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଆମିଷ ବଜାରରେ ମାଂସ ବେପାରୀ ମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସ୍ୱୀକାର କରିଛନ୍ତି। ମାତ୍ର ପଞ୍ଚାୟତ ଅଞ୍ଚଳରେ ରାସ୍ତା ଉପରେ ଚାଲିଥିବା ବେପାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତାଙ୍କର କ୍ଷମତା ନାହିଁ। ଏ ଦିଗରେ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ରକ୍ତଦାନ ଶିବିର : ୫୨ ୟୁନିଟ ସଂଗୃହିତ

ବାଲିଚନ୍ଦ୍ରପୁର,(ମହାଭାରତ): ବୈଷ୍ଣବ ସାମଲ ସ୍ମୃତି ସଂସଦ ଆନୁକୂଲ୍ୟରେ ବଡ଼ଚଣା ବ୍ଲକ ପଲେଇ ପଂଚାୟତସ୍ଥିତ ବନ୍ଦରେଶ୍ୱର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କନକଲତା ସାମଲ ଓ ଉପେନ୍ଦ୍ର କୁମାର ସାମଲଙ୍କ ଏକାଦଶାହ ସ୍ମୃତିରେ ଏହି ଶିବିର ଆୟୋଜନ କରାଯାଇଥିଲା। କେନ୍ଦ୍ରୀୟ ରେଡ଼କ୍ରସ ରକ୍ତକେନ୍ଦ୍ର କଟକର ଡ଼ାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଏଲ.ଟି ରଂଜିତ ସାହୁ, ଭାଗ୍ୟଧର ସାହୁ, ସରୋଜ ମହାନ୍ତି, ବିଜୟ କୁମାର ସ୍ୱାଇଁ, କ୍ରିର୍ତ୍ତନ ବାଞ୍ଛୋର, ସୁଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ୫୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଉଦଘାଟନ ଭାବେ ରଞ୍ଜିତ କୁମାର ସାମଲଙ୍କ ସହ କ୍ଷୀରୋଦ ଚନ୍ଦ୍ର ସାମଲ, ଓଳାଶୁଣୀ ମଣ୍ଡଳ ସଭାପତି ମନୋଜ ପ୍ରଧାନ, ଅନନ୍ତ ସାମଲ, କ୍ଷୀରୋଦ ଚନ୍ଦ୍ର ସାମଲ, ଶାରଦା ପ୍ରସନ୍ନ ସାମଲ, ବିନ୍ଦୁସାଗର ସାମଲ, ବିପିନ ବିହାରୀ ଜେନା, ଲଲାଟ କେଶରୀ ସାମଲ, ଅମର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ବୈଷ୍ଣବ ସାମଲ ସ୍ମୃତି ସଂସଦର ସଭାପତି ସୁମନ୍ତ କୁମାର ସାମ. ସମ୍ପାଦକ ଅକ୍ଷୟ କୁମାର ସାମଲ ଶିବିର ଆୟୋଜନ କରିଥିଲେ। ପ୍ରମୁଖ ରକ୍ତଦାତା ଭାବେ ଅନ୍ନପୂର୍ଣ୍ଣା ପତି, ବିପିନ ବିହାରୀ ସାମଲ ପ୍ରଥମେ ରକ୍ତଦାନ କରିଥିଲେ। ଏହି ଶିବିରରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପହଞ୍ଚି ଶକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟ ଗୌତମ ବିଶ୍ୱାଳ, ନିଶିକାନ୍ତ ମହାନ୍ତି, ସତ୍ୟାନନ୍ଦ ଦାସ, ଉତ୍କଳ କେଶରୀ ସାମଲ, ମିନତୀ ସାମଲ, ଗଗନ ବିହାରୀ ଚକ୍ରବର୍ତ୍ତି, ସୁଶାନ୍ତ କୁମାର ସାମଲ ଓ ବିପିନ କୁମାର ସାମଲ ପ୍ରମୁଖ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ମସ୍ୟଜୀବିଙ୍କ ହାତରେ ଲାଗିଲା ୩ଶହ କିଲୋ ସାଂକୁଚ

ଅସ୍ତରଙ୍ଗ (ମହାଭାରତ) :ଅସ୍ତରଙ୍ଗ ଦେବୀ ନଦୀରୁ ଆସିଲା ଆଶ୍ଚଯ୍ୟ କଲା ଭଳି ଖବର. ଆଜି ସକାଳୁ ଅସ୍ତରଙ୍ଗ ବ୍ଲକ କାଳିଆ କଣ ଗ୍ରାମର ଶଙ୍କର ବେହେରା,ଜୁମର ବେହେରା,ଗଙ୍ଗାଧର ବେହେରା ଏମିତି କୋଡିଏ ଜଣ ମସ୍ୟଜୀବୀ ଦେବୀ ନଦୀରେ ଚେନ ଜାଲରେ ମାଛ ମାରିବାବେଳେ ଏକ ବିରାଟକାୟ ସାଂକୁଚ ମାଛ ଜାଲ ରେ ପଡିଥିଲା। ଏହି ବିରାଟକାୟ ମାଛ କୁ ଦେଖି ମସ୍ତ୍ୟଜୀବୀ ମାନେ ପ୍ରଥମେ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଥିଲେ। ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଏହି ସାଙ୍କୁଛ ମାଛ କୁ ଡ଼ଙ୍ଗା ଆଣିବାବେଳେ ତାକୁ ବହୁ ଲୋକ ଲାଗି କୂଳକୁ ଆଣିଥିଲେ। ଏହାର ଓଜନ ୩ଶହ କିଲୋ ବୋଲି କୁହାଯାଉଛ। ଏହି ମାଛ କୋଲକାତା ବଜାର ରେ ପ୍ରାୟ ପଚଶ ହଜାର ଟଙ୍କା ହେବ। ଏହି ମାଛର ଓସାର ପ୍ରାୟ ବାର ଫୁଟ ହେବ,ଗୋଟେ ପଟେ ଅଲିଭ ରିଡଲେ କଇଁଛ ଙ୍କ ପ୍ରଜନନ ପାଇଁ ବଡ଼ ବୋଟ ଗୁଡିକ ନିଷିଦ୍ଧ ଅଞ୍ଚଳ ଭିତରେ ପ୍ରବେଶ କରିପାରୁନାହାନ୍ତି ଓ ଯାହାଙ୍କର ପ୍ରଭାବ ପାରମ୍ପରିକ ମସ୍ୟଜୀବି ଓ ଡ଼ଙ୍ଗା ଉପରେ ପଡୁଛି, ସେମାନଙ୍କ ବୁହାଣ ପାଇଁ ପାରମ୍ପରିକ ଡ଼ଙ୍ଗା ର ଜାଲ କେଉଁଠି ଚିରୁଚି ତ ଆଉ କେଉଁଠି ପାରମ୍ପରିକ ମାଛ ଜାଲ କୁ ଆସୁନି, ସେଥିପାଇଁ ଏବେ ପାରମ୍ପରିକ ମସ୍ତ୍ୟଜୀବି ମାନେ ଗୋଟେ ପ୍ରକାର କ୍ଷତି ସହୁଛନ୍ତି। ମାତ୍ର ଅରାକ୍ଷିତ କୁ ଦଇବ ସାହା ଭଳି ଏହି ୩ସହ କିଲୋ ସାଂକୁଚ ବର୍ତ୍ତମାନ କୋଡିଏ ଜଣ ବୁହାଣିଆ ବା ପାରମ୍ପରିକ ମସ୍ୟଜୀବି ଙ୍କ ପାଇଁ ଓଠରେ ହସ ଆଣିଛି,ଏହି ସାଂକୁଚ ମାଛ ବିଶେଷ କରି ସମୁଦ୍ର ମଧ୍ୟରେ ବିଚରଣ କରିଥାନ୍ତି। ସମୁଦ୍ର ଭିତରୁ ମାଛ ଅନେ୍ୱଷଣ କରି ଦେବୀ ମୁହାଣ ଦେଇ ନଦୀ ଭିତରେ ପଶି ଆସିବା ପରେ ନଦୀ ରେ ମାଛ ଧରାଳି ଙ୍କ ଜାଲରେ ପଡିଲା। ଏହି ମାଛ କୁ ଦେଖିବାକୁ ନଦୀ କୂଳରେ ବହୁ ଲୋକ ଙ୍କ ଗହଳି ଜମିଛି।

## ମାଡ଼କାପଦର୍ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିର(ମହାଭାରତ):ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ସ୍ଥିତ ମାଡକାପଦର୍ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଅଶ୍ମି ଏ ଏଲ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ।ଏହି ଶିବିରରେ ମୋଟ ୬୯ ଟି ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ୧୬ ଗୋଟି ବ୍ୟକ୍ତିଗତ ଓ ୫୩ ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣୀରେ ପ୍ରଧାନମନ୍ତ୍ରୀ ଆବାସ ଗୃହ , ପେନସନ, ନଳକୂପ, ବିଜୁଳି ସଂଯୋଗିକରଣ, ରାସ୍ତା, ସେତୁ ଓ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା। ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଅଭିଯୋଗ ପରେ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ବିଭିନ୍ନ ସ୍କୁଲ୍ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

## ୟୁନିକ୍ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ଉଦଳା (ମହାଭାରତ ) - ଉଦଳା ୟୁନିକ୍ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ - ୨୦୨୫ ପାଳିତ ହୋଇଯାଇଛି । ରବିବାର ସକାଳ ୧୧ ଘଟିକା ସମୟରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ମୁଖ୍ୟବକ୍ତା ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସଚ୍ଚିନ୍ଦ୍ର ନାଥ ପରିଡା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡ ଓକିଲ ସଂଘ ସଭାପତି ପଦ୍ମଲୋଚନ ଦାସ, ସମ୍ପାଦକ ରଜତ କୁମାର ମହାପାତ୍ର, ୟୁନିକ୍ ପ୍ରେସ୍ କ୍ଲବ ସଭାପତି ଦୀନବନ୍ଧୁ ବାରିକଙ୍କ ସମେତ ମୟୂରଭଞ୍ଜର ବରିଷ୍ଠ ଦକ୍ଷ ସାମ୍ବାଦିକ କଲ୍ୟାଣ ସିହ୍ନା ପ୍ରମୁଖ ମ□ାସୀନ ହୋଇଥିଲେ।ପ୍ରଥମେ ଉପସ୍ଥିତ ଅତିଥିମାନେ ବାଗଦେବୀ ମା ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଧୂପ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅତିଥିମାନଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ଦିବ୍ୟଙ୍ଗତ ସାମ୍ବାଦିକ ଅରୁଣ କୁମାର ମହାନ୍ତି ଏବଂ ସୌମେନ୍ଦ୍ର ଦାଶଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ଅତିଥିମାନେ ଆଜିର ଦିବସର ମହ□ ଉପରେ ଆଲୋକପାତ କରିବା ସହିତ ଜଣେ ସାମ୍ବାଦିକ ଜୀବନ ଯେ କେତେ ସଂଘର୍ଷମୟ ତାହା ଉପରେ ଆଲୋଚନା କରିଥିଲେ । ଏହା ସହିତ ଚଳିତବର୍ଷର ବିଷୟବସ୍ତୁ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ଉପରେ ଅତିଥିମାନେ ସାରଗର୍ଭକ ଆଲୋଚନା କରିଥିଲେ। କିପରି ଭାବେ ସମାଜରେ ହେଉଥିବା ଦୁର୍ନୀତି, ଗରିବ ଲୋକର ଦୁଃଖ ଏବଂ ଏକ ସୁସ୍ଥ ସମାଜ ଗଠନ କରାଯାଇପାରିବ ତାହାକୁ ନେଇ



ସରକାରଙ୍କୁ ଚେତାଇବା ଉଦ୍ଦେଶ୍ୟରେ ସମସ୍ତ ସାମ୍ବାଦିକ ସଜାଗ ରହିବା ଜରୁରୀ ବୋଲି କହିଥିଲେ ଅତିଥିଗଣ ନିଜ ବକ୍ତବ୍ୟରେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ କାର୍ଯ୍ୟଶୈଳୀ ଏବଂ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆକାଶବାଣୀରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନାଙ୍କୁ ୟୁନିକ୍ ପ୍ରେସ୍ କ୍ଲବ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବର ସମ୍ପାଦକ ଦିଲ୍ଲୀପ କଳିଆ,କୋଷାଧ୍ୟକ୍ଷ ଶଶିକାନ୍ତ ମିଶ୍ର, ସର୍ବେଶ୍ୱର ମହାପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଶତପଥୀ, ତପନ କୁମାର ମହାନ୍ତି, ସନ୍ଦୀପ ମହାନ୍ତି, ଦୀପକ କୁମାର ପରିଡା, ଅଭିଜିତ ବେହେରା, ଦୀପକ କୁମାର ମିଶ୍ର, ଅଭିଜ୍ଞି ବିଶ୍ୱାଳ, ଦିଲ୍ଲୀପ ପରିଡା, ଆଲୋକ ବେହେରା, ବସନ୍ତ ବେହେରା, ତପନ କୁମାର ସେଠୀ,ଅକ୍ଷୟ କର,ଶ୍ୱେତ ସୁନ୍ଦର ମଲ୍ଲିକଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହିଥିଲେ।

## ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ



ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ପକ୍ଷରୁ କାର୍ଯ୍ୟାଳୟ ଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ଭାରତରେ ପ୍ରଥମ କରି ପ୍ରେସ୍ କାଉଁସିଲ ଗଠନ କରି କାର୍ଯ୍ୟ ଆରମ୍ଭ କରିଥିଲା। ଏକ ମୁକ୍ତ ଓ ଦାୟିତ୍ୱ ପ୍ରେସ୍‌ର ପ୍ରତିକ ଭାବେ ସେବେ ଠାରୁ ସାରା ଭାରତ ବର୍ଷରେ ଜାତୀୟ ପ୍ରେସ୍ ଦିବସ ପାଳିତ ହେଉଛି। ଏହି ଅବସରରେ ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର କାର୍ଯ୍ୟାଳୟ ଠାରେ ସଭାପତି ପ୍ରକାଶ ଚନ୍ଦ୍ର ସାମଲଙ୍କ ସଂଚାଳନାରେ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଉପସଭାପତି ଉତ୍କଳ କେଶରୀ ସାମଲ, କୋଷାଧ୍ୟକ୍ଷ ପ୍ରବାସ କୁମାର ଦାଶ, ଉପଦେଷ୍ଟା ଅମର କୁମାର ସିଂହ, ଅଜୟ ପ୍ରତାପ ସିଂହ, ବରିଷ୍ଠ ସଦସ୍ୟ ଅଜୟ କୁମାର ଦାଶ, ଜ୍ଞାନରଞ୍ଜନ ପୃଷ୍ଟି, ସେକ୍ ଇକବାଲ ହୁସେନ୍, ଗିରିଜା ପ୍ରସାଦ ସାହୁ, ଖବରକାଗଜ ବିତରକ ଅଞ୍ଜନ କୁମାର ସାହୁ, ପ୍ରକାଶ କୁମାର ସିଂହ ପ୍ରମୁଖ ଯୋଗଦେଇ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ଏବଂ ସଫଳତାର ସହ ପରିଚାଳନା ପାଇଁ ପ୍ରେସ୍ କାଉଁସିଲ ଗଠିତ ହୋଇଛି। ଏକ ମୁକ୍ତ ଓ ଦାୟିତ୍ୱଶିଳ ପ୍ରେସ୍‌ର ପ୍ରତିକ ଭାବେ ଏହି ଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଇଛି। ସାମ୍ବାଦିକ ଭାଇ ମାନେ ଚାପର ବସବର୍ତ୍ତି ନହୋଇ ସତ୍ୟ ଓ ନିରପେକ୍ଷ ଖବର ପରିବେଶଣ ଉପରେ ଗୁରୁତ୍ୱାରପ କରାଯାଇ ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖାଯାଇଥିଲା। ଶେଷରେ ସାମ୍ବାଦିକ ଚିତ୍ତରଞ୍ଜନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଠାରେ ର୍ନିମାଣାଧୀନ କାନୁପୁର ଡ୍ୟାମ୍ ର ତଳ ମୁଣ୍ଡ ବୈତରଣୀ ନଦୀରେ ବୁଡ଼ି ନିଖୋଜ ଥିବା ଯୁବକଙ୍କ ମୃତ ଦେହ କୁ ରବିବାର ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି । ନିଖୋଜ ବ୍ୟକ୍ତି ଜଣକ ହେଲେ ଚମ୍ପୁଆ ଥାନା ରଘୁଆଳସାହିର ଟୁକୁନୁ ମୁଣ୍ଡା(୨୨)।ସେ ନଭେମ୍ବର ମାସ ଦୁଇ ତାରିଖରେ ବୈତରଣୀ ନଦୀରେ ବୁଡ଼ି ନିଖୋଜ ଥିଲେ ।ଖବର ପାଇ ଘଟଣା ସ୍ଥଳରେ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ, ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା ଟୁକୁନୁଙ୍କ କୌଣସି ପତ୍ତା ମିଳିପାରି ନଥିଲା। ତେବେ ରବିବାର ତାଙ୍କ ମୃତଦେହ ବୈତରଣୀ ନଦୀର ମିରିଗସିଂଘା ଠାରେ ଭାସୁଥିବା ଦେଖି ଗ୍ରାମବାସୀ ଚମ୍ପୁଆ ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତା ରେ ମତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇ ଥିବା ସୂଚନା ମିଳିଛି ।

## ଶିଶୁ ଅଧିକାର ସପ୍ତାହ ପାଳନ

ଯୋଡା,(ମହାଭାରତ) କେନ୍ଦୁଝର ଯୋଡା ବ୍ଲକ ଅନ୍ତର୍ଗତ ଦେଓଝର ଗ୍ରାମ ପାୟତ ର ଶିଆଳି ଯୋଡା ଏବଂ ଅସେଇଁକଳା ଗ୍ରାମରେ ଶିଶୁ ଶ୍ରମ ଅଧିକାର ଅଭିଯାନ ଓ ଭିଉଦର୍ଶୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶିଶୁ ଅଧିକାର ସପ୍ତାହ ପାଳନ କରାଯାଇଛି ।ଶିଶୁ ମାନଙ୍କର ଅଧିକାର,ଶିଶୁ ଙ୍କୁ ଶୋଷଣ ମୁକ୍ତ,ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଗଠନ କରିବା, ବାଲ୍ୟ ବିବାହ ରୋକିବା,ସମସ୍ତ ଶିଶୁ କିପରି ବିଦ୍ୟାଳୟ କୁ ଯିବେ , ଏ ଦିଗରେ ଉକ୍ତ ଗ୍ରାମ ଗୁଡିକରେ ଜନ ସଚେତନତା ଓ ସଭା ସମିତି ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ କୁ ଭିଜନ ଦର୍ଶୀ ର ଅଧ୍ୟକ୍ଷ କାଳୀଚରଣ ମୁଣ୍ଡା ପରିଚାଳନା କରିଥିଲେ।

## ଆସିକା ଉପଖଣ୍ଡ ସ୍ତରୀୟ ସାଇବର ସୁରକ୍ଷା ମାସ ଉଦଯାପନି ଉତ୍ସବ

ଆସିକା :- (ମହାଭାରତ): ଗଞ୍ଜାମ ଜିଲ୍ଲା ପୋଲିସ ଅରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଉପଖଣ୍ଡ ଆରାକ୍ଷୀ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଉପଖଣ୍ଡ ସ୍ତରୀୟ ସାଇବର ସୁରକ୍ଷା ମାସ ସମାପ୍ତ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଅଶୋକ ସିନେମା ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ,ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଆସିକା ଥାନା ଅଧିକାରୀ କୁଳମଣି ସେଠି ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ,ଏଚଡିଏଫସି ବ୍ୟାଙ୍କ ପରିଚାଳକ କାଳୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଆସିକା ଥାନା ଅଧିକାରୀ କୁଳମଣି ସେଠି ସାଇବର ଠକେଇ କଣ ଓ କିପରି ହୁଏ ତାହା ଉପରେ ଉପସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରିଥିଲେ ।ନିଜର ସଞ୍ଚିତ ଅର୍ଥର ସୁରକ୍ଷା କିପରି କରିବା ନେଇ ବିସ୍ତୃତ ଭାବେ ବୁଝାଇଥିଲେ। ଯଦି ସାଇବର ଠକାମୀ ର ଶିକାର ହେଲେ ତୁରନ୍ତ ଟୋଲ ଫ୍ରି ନମ୍ବର ୧୦୪୫ କିମ୍ବା ୧୯୩୦ ନଂ ରେ ତୁରନ୍ତ ଜଣାଇବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ।ଏହାସହ ଅଜ୍ଞାତ ଲୋକଙ୍କ ସହ ଓଟିପି ନଂ ସେୟାର ନକରିବା,ଆଧାର ନଂ,ବ୍ୟାଙ୍କ୍ ଆକାଉ□ ନଂ,ଏଟିଏମ ପିନ ନଂ ଏବଂ ଆର୍ଥିକ କାରବାରରେ ଗୋପନୀୟତା ରଖିବା ପାଇଁ ପରାମର୍ଶ ଦେଇଥିଲେ ।ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଇବର ସଚେତନତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ,ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ହିଞ୍ଜିଳି କାଟୁ ଥାନା ଅଧିକାରୀ ଶ୍ରୀନିବାସ ସେଠି,ବେଲଗା ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ସମେତ ବହୁ ପୋଲିସ ଅଧିକାରୀ ଓ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଉଦି ଆରବରେ ଜଳିଗଲା ବସ୍, ୪୨ ଭାରତୀୟ ମୃତ

ସାଉଦି ଆରବ: ସାଉଦି ଆରବରେ ବଡ଼ ଅଘଟଣ । ସାଉଦି ଆରବ ମଦିନାରେ ଦୁର୍ଘଟଣାରେ ଜଳିଗଲା ବସ୍ । ଏଥିରେ ୪୨ ଭାରତୀୟଙ୍କ ମୃତ୍ୟୁ ହୋଇଛି । ଡିଜେଲ ଟ୍ୟାଙ୍କର ସହିତ ବସ୍ ଧକ୍କା ହେବାରୁ ଜଳିଗଲା ବସ୍ । ଏମାନେ ମକ୍କାରୁ ମଦିନା ଯାଉଥିବା ବେଳେ ବସ ଦୁର୍ଘଟଣାର ଶିକାର ହୋଇଥିଲା । ସମସ୍ତ ମୃତକ ତେଲଙ୍ଗାନାର ହୋଇଥିବା ଜଣାପଡିଛି। ଖବର ମୁତାବକ, ସାଉଦି ଆରବ ମକ୍କାରୁ ମଦିନା ଯାଉଥିବା ବସ୍ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା । ଫଳରେ ବସ୍ ଜଳିଉଠିଥିଲା । ଏଥିରେ ଥିବା ସମସ୍ତ ଲୋକ ଜୀବନ ଦଗ୍ଧ ହୋଇଥିବା ଜଣାପଡିଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ଭାରତୀୟ ରହିଛନ୍ତି । ଆଜି ଭୋର ପ୍ରାୟ ରାତି ୧ଟା ୩୦ ମିନିଟ ସମୟରେ ଏକ ଯାତ୍ରୀବାହୀ ବସ୍ ଏବଂ ଡିଜେଲ ଟ୍ୟାଙ୍କର ଧକ୍କା ହେବା ଫଳରେ ସାଉଦି ଆରବରେ ଅତି କମରେ ୪୨ ଜଣ ଭାରତୀୟ ଉମରା ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ହାଇଦ୍ରାବାଦର ୨୦ ଜଣ ମହିଳା ଏବଂ ୧୧ ଜଣ ଶିଶୁ ଥିବା ଅନୁମାନ କରାଯାଉଛି । ତେଲଙ୍ଗାନା ସରକାର କହିଛନ୍ତି ଯେ ଏସମ୍ପର୍କରେ ରିୟାଦରେ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ ସ୍ଥାପନ କରାଯାଉଛି । ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀର ଅଧିକାରୀଙ୍କୁ ଅବଗତ କରାଇବା ସହ ସମସ୍ତ ବିବରଣୀ ଯାଞ୍ଚ କରିବା ପାଇଁ ଦୂତାବାସ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟରେ କାମ କରୁଛନ୍ତି ।

## ଲାଲକିଲ୍ଲା ବିସ୍ଫୋରଣ : ଉମରକୁ କାର୍ ଦେଇଥିବା ଯୁବକ ଗିରଫ



ନୂଆଦିଲ୍ଲୀ : ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ଏନଏଆଇକୁ ବଡ଼ ସଫଳତା ମିଳିଛି । ଯାଞ୍ଚ ଏଜେନ୍ସି ବିସ୍ଫୋରଣକାରୀ ଉମରକୁ ସହାୟତା କରିଥିବା କଶ୍ମୀରର ଜଣେ ବ୍ୟକ୍ତି ଆମିରକୁ ଯାଞ୍ଚ ଏଜେନ୍ସି ଦିଲ୍ଲୀରୁ ଗିରଫ କରିଛି । ଆତ୍ମଘାତୀ ବିସ୍ଫୋରଣକାରୀ ଆଇଇଡି ବ୍ୟବହାର କରି ଏକ କାର ବୋମା ବିସ୍ଫୋରଣ କରିଥିଲା ଯେଉଁଥିରେ ୧୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଏଥିରେ ବ୍ୟବହୃତ ହୋଇଥିବା କାର ଆମିର ନାମରେ ରେଜିଷ୍ଟ୍ରେର୍ଡ ହୋଇଥିଲା । ନଭେମ୍ବର ୧୦ରେ ହୋଇଥିବା ଆକ୍ରମଣ ପାଇଁ ବିସ୍ଫୋରଣକାରୀଙ୍କ ସହିତ ଷଡ଼ଯନ୍ତ୍ର କରିଥିଲା ବୋଲି ଅଭିଯୋଗ ହୋଇଛି, ଯେଉଁଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୨ ଜଣ ଆହତ ହୋଇଥିଲେ । ବିସ୍ଫୋରଣରେ ବ୍ୟବହୃତ କାରଟି ଆମିର ନାମରେ ପଞ୍ଜୀକୃତ ହୋଇଥିଲା । ତଦନ୍ତକାରୀଙ୍କ କହିବା ଅନୁସାରେ, ସେ ଗାଡ଼ି କିଣିବାରେ ସାହାଯ୍ୟ ପାଇଁ ଦିଲ୍ଲୀ ଯାଇଥିଲା । ଫରେନସିକ୍ ପରୀକ୍ଷାରୁ ଜଣାପଡିଛି ଯେ, ମୃତ ଡ୍ରାଇଭରଙ୍କୁ ଡକ୍ଟର ଉମର ଉନ୍ ନବି ଭାବରେ ଚିହ୍ନଟ କରାଯାଇଛି, ସେ ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟର ଜେନେରାଲ ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଏବଂ ପୁଲୱାମା ଜିଲ୍ଲାର ବାସିନ୍ଦା । ଏନଆଇଏ ନବିର ଅନ୍ୟ ଏକ ଗାଡ଼ିକୁ ମଧ୍ୟ ଜବତ କରିଛି, ଯାହାକୁ ଏବେ ପ୍ରମାଣ ପାଇଁ ଯାଞ୍ଚ କରାଯାଉଛି । ଅଧିକାରୀଙ୍କ ଅନୁଯାୟୀ, ଦିଲ୍ଲୀ ପୋଲିସ, ହରିୟାଣା ପୋଲିସ, ଉତ୍ତର ପ୍ରଦେଶ ପୋଲିସ ଏବଂ ଜମ୍ମୁ ଏବଂ କଶ୍ମୀର ପୋଲିସ, ଅନ୍ୟ ଏଜେନ୍ସି ସହିତ ମିଳିତ ଭାବରେ କାର୍ଯ୍ୟ କରି ୭୩ ଜଣ ସାକ୍ଷୀଙ୍କୁ ପଚରାଉଚରା କରାଯାଉଛି ।

## ଲଦାଖ ଏବଂ ଚୀନରେ ଶକ୍ତିଶାଳୀ ଭୂକମ୍ପ

ନୂଆଦିଲ୍ଲୀ : ଆଜି ସକାଳେ ଲଦାଖର ଲେହରରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୩.୭ ରେକର୍ଡ କରାଯାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଲୋକମାନେ ଶୋଇଥିବା ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଘରୋଇ ପକ୍ଷରୁ ଭୂକମ୍ପରେ କୌଣସି ଜୀବନହାନି ଘଟିନଥିବା ସୂଚନା ମିଳିଛି । ଲେହ ବ୍ୟତୀତ ଗତକାଲି ବିଳମ୍ବିତ ରାତିରେ ପଡୋଶୀ ରାଜ୍ୟ ଚୀନରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଜିନଜିଆଙ୍ଗରେ ୪.୪ ତୀବ୍ରତାର ଏକ ଭୂକମ୍ପ ରେକର୍ଡ କରାଯାଇଛି । ଘରୋଇ ଅନୁଯାୟୀ, ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ମଧ୍ୟ ୧୦ କିଲୋମିଟର ଗଭୀରତାରେ ଥିଲା । ବର୍ତ୍ତମାନ ଏହି ଭୂମିକମ୍ପ ଯୋଗୁଁ କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ ।

## ଭାରତ ଯେକୌଣସି ଯୁଦ୍ଧ ପାଇଁ ପ୍ରସ୍ତୁତ

ନୂଆଦିଲ୍ଲୀ : ଶତ୍ରୁକୁ ଚେତାବନୀ । ଯେକୌଣସି ଯୁଦ୍ଧ ପାଇଁ ଭାରତ ପ୍ରସ୍ତୁତ । ଅପରେସନ ସିନ୍ଦୂର ଟ୍ରେଲର ମାତ୍ର । ବାକି ଅଛି ପୁରା ଫିଲ୍ମ । ଯଦି କେହି ଆତଙ୍କୀଙ୍କୁ ପ୍ରୋତ୍ସାହିତ କରେ, କଡ଼ା ଜବାବ ଦେବୁ। ଏମିତିକି ସୁଯୋଗ ମିଳିଲେ, ପଡ଼ୋଶୀକୁ କିପରି କରାଯାଏ ବ୍ୟବହାର ଶିଖାଇ ଦେବୁ । ପଡୋଶୀ ଦେଶକୁ ଜେନେରାଲ ଦ୍ୱିବେଦୀଙ୍କ ଚେତାବନୀ । ଜେନେରାଲ ଦ୍ୱିବେଦୀ କହିଛନ୍ତି, ପାକିସ୍ତାନ ଗୁପ୍ତ ଭାବରେ ଆତଙ୍କବାଦକୁ ଯେତେ ପ୍ରୋତ୍ସାହିତ କରୁନା କାହିଁକି, ଭାରତୀୟ ସେନା ଏହାର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ କଶ୍ମୀରରେ ଆତଙ୍କବାଦ ଯଥେଷ୍ଟ ହ୍ରାସ ପାଇଛି । ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ୬୧ ପ୍ରତିଶତ ପାକିସ୍ତାନୀ ଥିଲେ । ଶତ୍ରୁ ପାକିସ୍ତାନ ହେଉ କିମ୍ବା ଏହାର ସମର୍ଥିତ ଆତଙ୍କବାଦୀ, ପ୍ରତ୍ୟେକ ବିପଦର ଉପଯୁକ୍ତ ଜବାବ ଦେବାର କ୍ଷମତା ସେନାର ଅଛି । ଜମ୍ମୁ ଏବଂ କାଶ୍ମୀରର ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି, ଏବଂ ଆଜିର ଯୁବପିଢ଼ି ଭାରତ ସହିତ ଏକ ଭବିଷ୍ୟତ ଦେଖୁଛନ୍ତି ବୋଲି ଦ୍ୱିବେଦୀ କହିଛନ୍ତି। ଅପରେସନ୍ ସିନ୍ଦୂର ବିଷୟରେ ଉଲ୍ଲେଖ କରି ଜେନେରାଲ୍ ଦ୍ୱିବେଦୀ କହିଥିଲେ, "ଏହା କେବଳ ଏକ ଟ୍ରେଲର ଥିଲା। ଆବଶ୍ୟକ ହେଲେ, ପାକିସ୍ତାନକୁ ଶିଖାଯିବ ଯେ, ଏକ ଦାୟିତ୍ୱବାନ ଦେଶ ତା'ର ପଡ଼ୋଶୀ ସହିତ କିପରି ବ୍ୟବହାର କରେ ।" ଭାରତ କୌଣସି ପ୍ରକାରର ପରମାଣୁ ବୋମାକୁ ନେଇ ଭୟ କରିବ ନାହିଁ। ଏହି ଯୁଦ୍ଧ ୪ ମାସ ଚାଲୁ କିମ୍ବା ୪ ବର୍ଷ, ଭାରତୀୟ ସେନା ପ୍ରତ୍ୟେକ କ୍ଷେତ୍ରରେ ପ୍ରସ୍ତୁତ ରହିଛି ।

# ରାଷ୍ଟ୍ରପତିଙ୍କୁ ଷୋଡ଼ଶ ଅର୍ଥ ଆୟୋଗ ରିପୋର୍ଟ ପ୍ରଦାନ



ନୂଆଦିଲ୍ଲୀ: ଷୋଡ଼ଶ ଅର୍ଥ ଆୟୋଗ ରିପୋର୍ଟ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ଆୟୋଗର ଅଧ୍ୟକ୍ଷ ଅରବିନ୍ଦ ପାନଗାରିଆ ଓ ଅନ୍ୟ ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେବାପରେ ଏହାର ଗୋଟିଏ ଲେଖାଏଁ କପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପ୍ରଦାନ କରାଯାଇଛି। ସମ୍ବିଧାନର ଧାରା ୨୮୧ ଅନୁଯାୟୀ, ଏହି ରିପୋର୍ଟକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଉପସ୍ଥାପନ କରିବେ। ଏହାପରେ ରିପୋର୍ଟ ସାର୍ବଜନୀନ କରାଯିବ। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଷୋଡ଼ଶ ଅର୍ଥ ଆୟୋଗର ସୁପାରିସ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଟିକସର ୪୧ ପ୍ରତିଶତ ରାଶି ରାଜ୍ୟମାନଙ୍କୁ ହସ୍ତାନ୍ତର କରାଯାଉଛି। ସେହି ରାଶିକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଅଧିକାଂଶ ରାଜ୍ୟ ଷୋଡ଼ଶ ଅର୍ଥ ଆୟୋଗଙ୍କ ନିକଟରେ ଦାବି କରିଛନ୍ତି। ଓଡ଼ିଶା ଗସ୍ତରେ ଆୟୋଗ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ମଧ୍ୟ ଅନୁରୂପ ଦାବି କରିଥିଲା। ସେସ୍ ଓ ସରଚାର୍ଜରେ ମଧ୍ୟ ଭାଗ ଦେବାକୁ ଓଡ଼ିଶା ଦାବି କରିଥିଲା। ଯଦି ଆୟୋଗ ୫୦ ପ୍ରତିଶତ ରାଶି ସୁପାରିସ କରିବେ ତେବେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବେଶ୍ ଦୃଢ଼ ହୋଇପାରିବ। ଅର୍ଥ ଆୟୋଗ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ଯାହା ପ୍ରତି ପାଞ୍ଚ ବର୍ଷରେ ଥରେ ଗଠନ ହୋଇ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଏବଂ ରାଜ୍ୟ ଓ ସ୍ଥାନୀୟ ସଂସ୍ଥାମାନଙ୍କ ମଧ୍ୟରେ ଟିକସ ରାଜସ୍ୱ ବଣ୍ଟନ ନେଇ ସୁପାରିସ କରିଥାଏ। ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ପାନଗାରିଆଙ୍କ ନେତୃତ୍ୱରେ ୨୦୨୩ ଡିସେମ୍ବର ୩୧ରେ ଷୋଡ଼ଶ ଅର୍ଥ ଆୟୋଗ ଗଠନ କରାଯାଇଥିଲା। ଏହାର ପୂର୍ଣ୍ଣକାଳୀନ ସଦସ୍ୟମାନେ ହେଉଛନ୍ତି ପୂର୍ବତନ ବ୍ୟୟ ସଚିବ ଆନି ଜର୍ଜ ମାଥ୍ୟୁ, ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପଣ୍ଡା। ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଟି ବି ରବିଶଙ୍କର ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରୁପ୍ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ ଅସ୍ଥାୟୀ ସଦସ୍ୟ ରହିଛନ୍ତି। ୨୦୨୩ ଡିସେମ୍ବର ୩୧ରେ କେନ୍ଦ୍ର ସରକାର ଷୋଡ଼ଶ ଅର୍ଥ ଆୟୋଗ ଗଠନ କରିଥିଲେ। ଅକ୍ଟୋବର ୩୧ରେ ଏହାକୁ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। କିନ୍ତୁ ଆୟୋଗଙ୍କ କାର୍ଯ୍ୟକାଳକୁ ନିକଟରେ ଏକ ମାସ ବଢ଼ାଇ ନଭେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଆୟୋଗଙ୍କ ସୁପାରିସ ୨୦୨୬ ଏପ୍ରିଲ ୧ରୁ ଲାଗୁ ହେବ।

# ବେଲୁଚିସ୍ତାନରେ ଜାଫର ଏକ୍ସପ୍ରେସ ଟ୍ରେନକୁ ଟାର୍ଗେଟ



ପାକିସ୍ତାନ : ପାକିସ୍ତାନର ବେଲୁଚିସ୍ତାନରୁ ଏକ ଖବର ସାମ୍ନାକୁ ଆସିଛି । ଜାଫର ଏକ୍ସପ୍ରେସ ଟ୍ରେନକୁ ଟାର୍ଗେଟ କରାଯାଇଛି । ରବିବାର ଦିନ ଜାଫର ଏକ୍ସପ୍ରେସ ଟ୍ରେନରେ ବୋମା ବିସ୍ଫୋରଣ ଉଦ୍ୟମ ହୋଇଥିବା ଏକ ଘଟଣା ଅଳ୍ପକେ ବର୍ତ୍ତି ଯାଇଛି ବୋଲି ପୋଲିସ ଏବଂ ରେଳବାଇ ଅଧିକାରୀମାନେ କହିଛନ୍ତି । ସୂଚନାନୁଯାୟୀ, ବେଲୁଚିସ୍ତାନର ନାସିରାବାଦ ଜିଲ୍ଲାରେ ଏକ ରେଳ ଟ୍ରାକ ଉପରେ ଏକ ଟ୍ରେନ୍ ଅତିକ୍ରମ କରିବା ସମୟରେ ବିସ୍ଫୋରଣ ଘଟିଥିଲା । ବହୁ ଧନ ଜୀବନ ହାନି ହେବାର ସମ୍ଭାବନା ଥିଲା । କିନ୍ତୁ ଅଳ୍ପକେ ବିପଦ ଟଳିଯାଇଥିଲା । ଆକ୍ରମଣକାରୀମାନେ ସହିଦ ଅବଦୁଲ ଅଜିଜ୍ ବୁଲୋ ଅଞ୍ଚଳରେ ରେଳ ଟ୍ରାକ ଉପରେ ବୋମା ରଖିଥିଲେ ବୋଲି ଅଧିକାରୀମାନେ କହିଛନ୍ତି । କେବଳ ଟ୍ରେନକୁ ଉଡ଼ାଇ ଦେବାକୁ ଚେଷ୍ଟା କରାଯାଇନଥିଲା, ବରଂ ଦୂରରୁ ଏହା ଉପରେ ଚାରୋଟି ରକେଟ ମଧ୍ୟ ମାଡ଼ କରାଯାଇଥିଲା । ସୌଭାଗ୍ୟବଶତଃ, ରକେଟଗୁଡ଼ିକ ଟ୍ରେନ ପାଖ ଦେଇ ଚାଲିଯାଇଥିଲା । ଫଳରେ ଟ୍ରେନ କିମ୍ବା ଏହାର ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇନଥିଲା । ରେଳ ଟ୍ରାକର ଗୋଟିଏ ଅଂଶ ଉଡ଼ିଯାଇଥିଲା । ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିକଟସ୍ଥ ରେଳ ସେବା ବନ୍ଦ ହୋଇଯାଇଥିଲା । ଏହି ଆକ୍ରମଣ ପାଇଁ ବାଲୁଚ୍ ରିପବ୍ଲିକାନ୍ ଗାର୍ଡସଙ୍କୁ ଦାୟୀ କରାଯାଇଛି । ବର୍ତ୍ତମାନ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି । ଆପଣଙ୍କୁ ଜଣାଇ ରଖୁଛୁ ଯେ, ଏହା ପ୍ରଥମ ଥର ପାଇଁ ନୁହେଁ ପୂର୍ବରୁ ମଧ୍ୟ ଟ୍ରେନକୁ ଟାର୍ଗେଟ୍ କରାଯାଇଥିଲା । ବେଲୁଚିସ୍ତାନ ଲିବରେସନ ଆର୍ମିର ଆତଙ୍କବାଦୀମାନେ ୪୪୦ ଜଣ ଯାତ୍ରୀଙ୍କୁ ନେଇ ପେଶାୱର ଯାଉଥିବା ଏକ ଟ୍ରେନ ଉପରେ ଆକ୍ରମଣ କରିଥିଲେ ।

# ରଷ- ଆମେରିକା ମୁହାଁମୁହିଁ, ଶାନ୍ତି ଚୁକ୍ତି ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ପୁଟିନ



ଆମେରିକା : ଗାଜା ଶାନ୍ତି ଚୁକ୍ତି ପ୍ରସ୍ତାବ ନେଇ ରଷ-ଆମେରିକା ମୁହାଁମୁହିଁ । ଆଜି ଜାତିସଂଘ ସୁରକ୍ଷା ପରିଷଦରେ ଗାଜା ଶାନ୍ତି ଚୁକ୍ତି ନେଇ ମତଦାନ ହେବାକୁ ଯାଉଥିବା ବେଳେ ଏହାକୁ ବିରୋଧ କରିବାକୁ ଯୋଜନା କରିଛି ରଷ । ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଗାଜା ଶାନ୍ତି ଚୁକ୍ତିର ପ୍ରସ୍ତାବଗୁଡିକୁ ବିରୋଧ କରିଛି ରଷ । ଆନ୍ତର୍ଜାତିକ ନୀତି ଅନୁଯାୟୀ ଏହି ଶାନ୍ତି ପ୍ରସ୍ତାବ ପ୍ରସ୍ତୁତ ହୋଇନଥିବା ରଷ କହିଛି ।

ସୂଚନାନୁଯାୟୀ, ଜାତିସଂଘ ସୁରକ୍ଷା ପରିଷଦରେ ସାର୍ବଜନୀନ ଭାବେ ସ୍ୱୀକୃତ ଆନ୍ତର୍ଜାତିକ ଆଇନଗତ ପରିଧି ମଧ୍ୟରେ ଇସ୍ରାଏଲ ଓ ହମାସ ବିବାଦର ବୁଝାମଣା ହେବା ଉଚିତ ବୋଲି ରଷ ପକ୍ଷରୁ କୁହାଯାଇଛି । ହେଲେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ପ୍ରସ୍ତୁତ ହୋଇଥିବା ଗାଜା ଶାନ୍ତି ଚୁକ୍ତିରେ ଏସବୁ ନାହିଁ । ଗାଜା ଶାନ୍ତି ଚୁକ୍ତି ପାଇଁ ରଷ ପ୍ରସ୍ତାବ ପ୍ରସ୍ତୁତ କରିବା ସହ ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଆଲୋଚନା କରିଛନ୍ତି ରଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ । ନେତାନ୍ୟାହୁ – ପୁଟିନ ଆଲୋଚନା ବେଳେ ଗାଜା ସହ ମଧ୍ୟପ୍ରାଚ୍ୟ ସ୍ଥିତି, ବନ୍ଦୀ ବିନିମୟ, ଇରାନ ଆଣବିକ କାର୍ଯ୍ୟକ୍ରମ ଏବଂ ସିରିଆ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି ।

ଅନ୍ୟପଟେ ଇଜିପ୍ଟ, କାତାର, ଆମେରିକା ଓ ତୁର୍କୀ ମଧ୍ୟସ୍ଥତାରେ ଗତ ଅକ୍ଟୋବର ୧୦ ତାରିଖରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା । ବିଶେଷ କରି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଗାଜା ଶାନ୍ତି ଚୁକ୍ତି ହୋଇଥିଲା । ଏଥିରେ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି, ପାଲେଷ୍ଟାଇନ ଜେଲରେ ଥିବା ବନ୍ଦୀଙ୍କ ମୁକ୍ତି ପାଇଁ ସର୍ତ୍ତ ରହିଛି । ସେହିପରି ଦୀର୍ଘବର୍ଷ ଯୁଦ୍ଧବିଧ୍ୱସ୍ତ ଗାଜାରର ପୁନଃନିର୍ମାଣ ସହ ହମାସ ଆତଙ୍କୀଙ୍କୁ ବାଦ ଦେଇ ନୂଆ ସରକାର ଗଠନ ପାଇଁ ପ୍ରସ୍ତାବ ରହିଛି । ଅକ୍ଟୋବର ୯ ତାରିଖରୁ ଏହି ଚୁକ୍ତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଛି। ଗତ ସପ୍ତାହରେ ଟ୍ରମ୍ପଙ୍କ ୨୦ ସୂତ୍ରୀ ଗାଜା ଯୋଜନାର ଚିଠା ପ୍ରସ୍ତାବ ଉପଲବ୍ଧ ହୋଇଥିଲା । ତେବେ ଏହି ପ୍ରସ୍ତାବ ଅନୁଯାୟୀ ଗାଜାରେ ନୂଆ ସରକାର ଗଠନ ପାଇଁ ଟ୍ରମ୍ପଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଯାଉଥିବା କମିଟିକୁ ରଷ ବିରୋଧ କରିଛି ।

## ଇସ୍ତଫା ଦେଲେ ନୀତିଶ କୁମାର



ବିହାର : ବିହାରରେ ନୂଆ ସରକାର ଗଠନକୁ ନେଇ ହଲଚଲ ସୃଷ୍ଟି ହୋଇଛି । ଏହାରି ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସୋମବାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୦୨ ଆସନ ଜିତି ଘରଇ ଐତିହାସିକ ବହୁମତ ହାସଲ କରିଛି । ନିର୍ବାଚନରେ ବିଜେପି ୮୯, ଜେଡିୟୁ ୮୫, ଏଲଜେଏପି (ରାମ ବିଳାସ) ୧୯ ଏବଂ ଅନ୍ୟାନ୍ୟ ସହଯୋଗୀ ଦଳ ୯ ଆସନ ଜିତିଥିଲା । ବହୁମତ ହାସଲ କରି ଏବେ ସରକାର ଗଢ଼ିବାକୁ ପ୍ରସ୍ତୁତ ହେଉଛି ଏନ୍‌ଡିଏ।

# ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡ: ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ

ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ସୋମବାର ମୃତ୍ୟୁ ଦଣ୍ଡାଦେଶ ମିଳିଛି। ଢାକାରେ ଆଇସିଟି (ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍) ହସିନାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀସାବ୍ୟସ୍ତ କରିବାପରେ ତାଙ୍କୁ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ଦଶନ୍ଧି ମଧ୍ୟରେ କୌଣସି ପୂର୍ବତନ ବାଂଲାଦେଶ ନେତାଙ୍କ ବିରୋଧରେ ଏହା ଅତ୍ୟନ୍ତ ନାଟକୀୟ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ। ଆସନ୍ତା ଫେବ୍ରୁଆରିରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଥିବାବେଳେ ଏହାର ମାତ୍ର କିଛିମାସ ପୂର୍ବରୁ ହସିନାଙ୍କ ବିରୋଧରେ ଏହି ରାୟ ଆସିଛି। ଅନ୍ୟପକ୍ଷରେ ଏହି ରାୟକୁ ବିରୋଧ କରି ହସିନାଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇଛନ୍ତି ଏବଂ ଶତାଧିକ ସ୍ଥାନରେ ହିଂସା ଜାରି ରହିଛି। ହସିନାଙ୍କ ଦଳ ଆୱାମୀ ଲିଗ୍ ରାୟକୁ ପ୍ରତ୍ୟାଖ୍ୟାନ କରିବା ସହ ଏହା ବିରୋଧରେ ଦେଶବ୍ୟାପୀ ଜନଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି।

କୋର୍ଟ ହସିନାଙ୍କୁ ମାନବତା ବିରୋଧୀ ଅପରାଧ ପାଇଁ ମଧ୍ୟ ଆଜୀବନ କାରାଦଣ୍ଡ ଦେଇଛନ୍ତି ଏବଂ ଆନ୍ଦୋଳନ ସମୟରେ ଅନେକ ଲୋକଙ୍କ ହତ୍ୟା ମାମଲାରେ ତାଙ୍କର ଭୂମିକା ପାଇଁ ତାଙ୍କୁ ପୃଥକ୍ ଭାବେ ମୃତ୍ୟୁଦଣ୍ଡ ମିଳିଛି। ହସିନାଙ୍କ ବିରୋଧରେ ଦାଖଲ ଚାର୍ଜସିଟ୍‌କୁ ଉଦ୍ଧୃତ କରି ଟ୍ରିବ୍ୟୁନାଲ ଦର୍ଶାଇଛନ୍ତି ଯେ ଶେଖ୍ ହସିନା ମାନବତା ବିରୋଧୀ ଅପରାଧ କରିଛନ୍ତି। ଅଗଷ୍ଟ ୫ ତାରିଖରେ ୬ ଜଣ ଆନ୍ଦୋଳନକାରୀଙ୍କୁ ଚଙ୍ଖରପୁଲରେ ହତ୍ୟା କରାଯାଇଥିଲା ଏବଂ ଶେଖ ହସିନାଙ୍କ ନିର୍ଦ୍ଦେଶରେ ଛାତ୍ରମାନଙ୍କୁ ହତ୍ୟା କରାଯାଇଥିବା ନେଇ ରହିଥିବା ବଳିଷ୍ଠ ପ୍ରମାଣ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଯଥେଷ୍ଟ ଥିଲା ବୋଲି ଅଦାଲତ କହିଛନ୍ତି। ତତ୍କାଳୀନ ଗୃହମନ୍ତ୍ରୀ ତଥା ପୁଲିସ ଆଇଜିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ସେମାନେ ଏହାଦ୍ୱାରା ମାନବତା ବିରୋଧରେ ଅପରାଧ କରିଛନ୍ତି। କୋର୍ଟ ଏଥିପାଇଁ ଉଭୟ ହସିନାଙ୍କୁ ସିଧାସଳଖ ନିର୍ଦ୍ଦେଶ ଦେଇଥିବା ଏବଂ ଛାତ୍ର ଆନ୍ଦୋଳନ ସମୟରେ ଛାତ୍ରମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ନେଇ ଦାୟୀ କରିଛନ୍ତି। ଆଇସିଟି ମଧ୍ୟ ବାଂଲାଦେଶର ପୂର୍ବତନ ଗୃହମନ୍ତ୍ରୀ ଅସଦୁଜାମାନ ଖାନ୍ କମାଲଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ପୂର୍ବତନ ପୁଲିସ ଆଇଜି ଚୌଧୁରୀ ଅବଦୁଲ୍ଲା ଅଲ୍ ମାମୁନଙ୍କୁ ମଧ୍ୟ ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। କୋର୍ଟ କହିଛନ୍ତି ଯେ ଶେଖ ହସିନା ଏବଂ ପୂର୍ବତନ ଗୃହମନ୍ତ୍ରୀଙ୍କ ସମ୍ପତ୍ତି ଜବତ କରାଯାଇ ତାହାକୁ ରାଷ୍ଟ୍ର ନିୟନ୍ତ୍ରଣରେ ରଖାଯିବ। ଉଲ୍ଲେଖଯୋଗ୍ୟ, ଜଷ୍ଟିସ ଏମ୍‌ଡି ଜି. ମୋର୍ତୁଜା ମଜୁମଦାରଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ଆଜି ଅପରାହ୍ଣ ପ୍ରାୟ ୧୨.୩୦ ସମୟରେ ୪୫୩ ପୃଷ୍ଠାର ରାୟ ଶୁଣାଇଛନ୍ତି। ଏଥିପାଇଁ ଆଜି କୋର୍ଟରୁମ୍ ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ହସିନାଙ୍କ ଆୱାମୀ ଲିଗ୍‌କୁ ନିର୍ବାଚନ ଲଢ଼ିବା ପାଇଁ ବାରଣ କରାଯାଇଛି। ତେବେ ସୋମବାର ଆସିଥିବା ଏହି ରାୟ ପାଇଁ ନିର୍ବାଚନ ପୂର୍ବରୁ ଦେଶରେ ଏକ ସଦ୍ୟ ଉତ୍ତେଜନା ସୃଷ୍ଟି ହୋଇପାରେ ବୋଲି ଚିନ୍ତା ପ୍ରକଟ ହୋଇଛି। ଏହି ରାୟକୁ ମଧ୍ୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ। 'ମାନବତା ବିରୋଧରେ ଅପରାଧ' ପାଇଁ ଆଇସିଟି (ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍) ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବାପରେ ହସିନା ଆଇସିଟକୁ କଡ଼ା ସମାଲୋଚନା କରିଛନ୍ତି। ଏକ ବିବୃତି ଜାରି କରି ହସିନା ଦାବି କରିଛନ୍ତି ଯେ ୨୦୨୪ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ସହ ଜଡ଼ିତ ହିଂସା ଘଟଣାରେ କୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାହା ପକ୍ଷପାତପୂର୍ଣ୍ଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ହସିନା ରାୟକୁ ଅନ୍ୟାୟପୂର୍ଣ୍ଣ, ପୂର୍ବ ନିର୍ଦ୍ଧାରିତ କହିଛନ୍ତି। ବିନା ଗଣତାନ୍ତ୍ରିକ ଜନାଦେଶ ସହ ଏକ ଅଣ ନିର୍ବାଚିତ ସରକାରର ଅଧ୍ୟକ୍ଷତାରେ ମୋ ବିରୋଧରେ ଏହି ରାୟ ଆସିଛି ବୋଲି ହସିନା ଦାବି କରିଛନ୍ତି। ହସିନା କହିଛନ୍ତି, ମୋତେ ମାମଲାରେ ଦୋଷୀସାବ୍ୟସ୍ତ କରିବା ପୂର୍ବ ନିର୍ଦ୍ଧାରିତ।

ହସିନା ସ୍ୱୀକାର କରିଛନ୍ତି ଯେ ମୋ ସରକାର ବିରୋଧରେ ଆନ୍ଦୋଳନ ସମୟରେ ସ୍ଥିତି ଉପରୁ ଆମେ ନିୟନ୍ତ୍ରଣ ହରାଇଥିଲୁ କିନ୍ତୁ ନାଗରିକଙ୍କ ଉପରେ ଯୋଜନାବଦ୍ଧ ଆକ୍ରମଣ ହୋଇଛି ବୋଲି ଦର୍ଶାଇବା ଭୁଲ୍ । ଏହା ଜାଣିଶୁଣି କରାଯାଇନାହିଁ ବୋଲି ହସିନା ଦାବି କରିଛନ୍ତି। ରାୟକୁ ସମାଲୋଚନା କରି ହସିନା ଏହି ପ୍ରକ୍ରିୟାକୁ ଏକ ଅନେ?ତିକ ପ୍ରକିୟା ବୋଲି କହିଛନ୍ତି। ମୃତ୍ୟୁଦଣ୍ଡାଦେଶ ହେବା ନେଇ ହସିନା କହିଛନ୍ତି ଯେ ତାଙ୍କୁ ଏବଂ ତାଙ୍କ ଦଳ ଅୱାମୀ ଲିଗ୍?କୁ ହଟାଇବାପାଇଁ ଏହା କଟ୍ଟରପନ୍ଥୀ ଅଧିକାରୀମାନଙ୍କ ଦ୍ୱାରା ଏକ ଯୋଜନାବଦ୍ଧ ଉଦ୍ୟମ। ହସିନା କହିଛନ୍ତି, ମୃତ୍ୟୁଦଣ୍ଡ ଦାବି କରି ସେମାନେ ବାଂଲାଦେଶର ଶେଷ ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ହଟାଇବାପାଇଁ ଏବଂ ଅୱାମି ଲିଗ୍‌କୁ ଏକ ରାଜନୈତିକ ଶକ୍ତି ଭାବେ ଅମାନ୍ୟ କରିବାପାଇଁ ସେମାନଙ୍କ ଅନ୍ତରୀଣ ସରକାରରେ ଥିବା ଉଗ୍ରପନ୍ଥୀ ଗୋଷ୍ଠୀର ଘାତକ ଏବଂ ଲଜ୍ଜାହୀନ ଚିନ୍ତାଧାରାର ପରିପ୍ରକାଶ କରିଛନ୍ତି। ନିଜ ସରକାର ସମୟର କାର୍ଯ୍ୟକୁ ପ୍ରଶଂସା କରି ହସିନା କହିଛନ୍ତି, ୨୦୧୦ରେ ଅନ୍ତର୍ଜାତୀୟ କ୍ରିମିନାଲ କୋର୍ଟରେ ଯୋଗ ଦେବାପାଇଁ ଆମେ ବାଂଲା?ଦେଶର ନେତୃତ୍ୱ ନେଇଥିଲୁ। ଶତାଧିକ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଆମେ ଆଶ୍ରୟ ଦେଇଥିଲୁ। ଶିକ୍ଷାକ୍ଷେତ୍ରକୁ ସୁଦୃଢ଼ କରିଥିଲୁ। ଲକ୍ଷାଧିକ ଲୋକଙ୍କୁ ଆମେ ଦାରିଦ୍ର୍ୟ ମୁକ୍ତ କରିଛୁ। ଏସବୁ ସଫଳତା ହେଉଛି ଏକ ଐତିହାସିକ ରେକର୍ଡ। ଏହି ସବୁ ସଫଳତା ମାନବ ଅଧିକାର ପ୍ରତି ତାଙ୍କ ସରକାରର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ହସିନା କହିଛନ୍ତି। ଇତିମଧ୍ୟରେ ବାଂଲାଦେଶର ଅନ୍ତରୀଣ ସରକାର ହସିନାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଏକ ଐତିହାସିକ ରାୟ ବୋଲି କହିଛନ୍ତି।

# ଭାରତ ଏ'କୁ ହରାଇଲା ପାକିସ୍ତାନ

## ଟ୍ରଫି ଜିତିବା ଭଳି ଉତ୍ସାହିତ ହେଲେ ପିସିବି ମୁଖ୍ୟ ନକଭୀ






ନୂଆଦିଲ୍ଲୀ, ୧୭।୧୧: ଭାରତ ଠାରୁ କ୍ରିକେଟରେ କ୍ରମାଗତ ହାରି ଆସୁଥିବା ପାକିସ୍ତାନକୁ ଏବେ ଖୁସି ହେବାର ମଉକା ମିଳିଛି। ଏସିଆ କପରେ ଭାରତ ଠାରୁ ୩ଥର ହାରିଥିବା ପାକିସ୍ତାନର ସିନିୟର ଟିମକୁ ଜୁନିୟରମାନେ ଉତ୍ସବ ମନାଇବାର ସୁଯୋଗ ଦେଇଛନ୍ତି। କାରଣ ଦୋହାରେ ଅନୁଷ୍ଠିତ ଏସିଆ କପ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟର ଗୋଟିଏ ମ୍ୟାଚ୍‌ରେ ପାକିସ୍ତାନ ଶାହୀନ୍ସ (ପାକିସ୍ତାନ ଏ) ୮ ୱିକେଟରେ ଭାରତ ଏକୁ ହରାଇ ଦେଇଛି।

ପାକିସ୍ତାନ ଶାହୀନ୍ସ ଦମଦାର ପ୍ରଦର୍ଶନ କରି ଭାରତକୁ ପ୍ରଥମେ ୧୩୬ ରନରେ ଅଲଆଉଟ କରି ଦେଇଥିଲା ଏହାପରେ ଧାର୍ଯ୍ୟ ୧୩୭ ରନର ଟାର୍ଗେଟକୁ ୪୦ ବଲ ପୂର୍ବରୁ ୨ ୱିକେଟ ହରାଇ ହାସଲ କରି ନେଇଥିଲା ଏସିଆ କପ ରାଇଜିଂରେ ଏହା ପାକିସ୍ତାନ ଶାହୀନ୍ସର ଦ୍ୱିତୀୟ ବିଜୟ। ଏହି ବିଜୟ ସହ ଦଳ ସେମି ଫାଇନାଲକୁ ମଧ୍ୟ ଯୋଗ୍ୟତା ଅର୍ଜନ କରି ନେଇଛି।

ଭାରତ ଏ ପ୍ରଥମ ମ୍ୟାଚ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ହାରିଛି ତୃତୀୟ ମ୍ୟାଚ୍ ଓମାନ ସହ ରହିଛି ଏହି ମ୍ୟାଚ୍ ଜିତି ଭାରତ ଏ ମଧ୍ୟ ସେମିକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି।

କିନ୍ତୁ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ଶାହୀନ୍ସ ଭାରତ ଏ ବିପକ୍ଷରେ ବିଜୟ ହାସଲ କରିଥିବାରୁ ଏହାକୁ ଟ୍ରଫି ହାସଲ କରିବା ଭଳି ସେଲିବ୍ରେଟ କରିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ମୋହଶୀନ ନକଭୀ। ଭାରତର ସିନିୟର ଟିମ ଏସିଆ କପ ଫାଇନାଲରେ ପାକିସ୍ତାନକୁ ହରାଇଥିଲା।

ଏହାପରେ ନକଭୀ ବିଜୟ ଟ୍ରଫି ଭାରତକୁ ନ ଦେଇ ନିଜ ସହ ନେଇ ଯାଇଥିଲେ। ଏଯାଏ ମଧ୍ୟ ଭାରତୀୟ ଟିମକୁ ଏସିଆ କପ ମିଳିନାହିଁ। କିନ୍ତୁ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଶାହୀନ୍ସର ବିଜୟ ପରେ ସୋଶାଲ ମିଡିଆରେ ବେଶ ଉତ୍ସାହିତ ହୋଇ ପୋଷ୍ଟ କରିଛନ୍ତି ନକଭୀ।

ସେ ଏକ୍ସରେ ପୋଷ୍ଟ କରିଛନ୍ତି ଯେ ପାକିସ୍ତାନ ଓ ବୋର୍ଡ ପାଇଁ ଆଜି ଗୋଟିଏ ଗୌରବର ମୁହୂର୍ତ୍ତ। ଆମ ପାକିସ୍ତାନ ଶାହୀନ୍ସ ୮ ୱିକେଟରେ ଭାରତ ଏକୁ ପରାସ୍ତ କରିଛନ୍ତି। ଟାର୍ଗେଟକୁ ମାତ୍ର ୧୩.୨ ଓଭରରେ ହାସଲ କରି ନେଇଛନ୍ତି। ଦୋହାରେ ଚାଲିଥିବା ଏସିଆ କପ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରଭାବଶାଳୀ, ଭୟ ନଥିବା ଓ ଅବିସ୍ମରଣୀୟ ପ୍ରଦର୍ଶନ ଦେଖିବାକୁ ମିଳିଛି। ଆମର ୟଙ୍ଗ ଗନ୍ସଙ୍କ ଚମତ୍କାର କ୍ରିକେଟ ପାକିସ୍ତାନର ଭବିଷ୍ୟତ ବେଶ ଉଜ୍ଜ୍ୱଳ ପୂରା ଦେଶକୁ ଶୁଭେଚ୍ଛା। ସିନିୟର ଟିମ ଭଳି ଇଣ୍ଡିଆ ଏର ଅଧିନାୟକ ଜିତେଶ ଶର୍ମା କିମ୍ବା ଦଳର କୌଣସି ଖେଳାଳି ମ୍ୟାଚ ପୂର୍ବରୁ କିମ୍ବା ପରେ ପାକିସ୍ତାନୀଙ୍କ ସହ ହାତ ମିଳାଇ ନାହାନ୍ତି। ୨୦୨୫ ଏସିଆ କପରେ ସୂର୍ଯ୍ୟ କୁମାର ଯାଦବଙ୍କ ଦଳ ମଧ୍ୟ ପାକିସ୍ତାନୀ କ୍ରିକେଟରଙ୍କ ସହ ହାତ ମିଳାଇ ନଥିଲା।

## ହସ୍ପିଟାଲରୁ ଆସିଲେ ଗିଲ୍

ନୂଆଦିଲ୍ଲୀ: ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ରବିବାର ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ବେକରେ ଆଘାତ ଯୋଗୁଁ ତାଙ୍କର ଚିକିତ୍ସା ଚାଲିଥିଲା କୋଲକାତାର ଇଡେନ ଗାର୍ଡେନରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଟେଷ୍ଟ ବେଳେ ଗିଲଙ୍କ ବେକରେ ଆଘାତ ଲାଗି ଥିଲା, ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି ଉଡଲ୍ୟାଣ୍ଡସ୍ ମଲ୍ଟିସ୍ପେଶାଲିଟି ହସ୍ପିଟାଲରେ ଗିଲଙ୍କୁ ଭେଟିବାକୁ ଯାଇ ଥିଲେ। ଭାରତକୁ ଇଡେନ ଗାର୍ଡେନ୍ସର ଏକ ଚ୍ୟାଲେଞ୍ଜପୂର୍ଣ୍ଣ ପିଚ୍‌ରେ ୩୦ ରନ୍‌ରେ ପରାଜୟର ସାମ୍ନା କରିବାକୁ ପଡ଼ି ଥିଲା। ଦକ୍ଷିଣ ଆଫ୍ରିକା ଏହି ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ହୋଇଥିଲା।।

# ସାଙ୍ଗାକାରା ରାଜସ୍ଥାନ ରୟାଲ୍ସର କୋଚ୍




ନୂଆଦିଲ୍ଲୀ:, ୧୭।୧୧: ଆଇପିଏଲ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସର ବଡ ନିଷ୍ପତ୍ତି ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ମୁଖ୍ୟ କୋଚ ପଦରୁ ହଟିବା ପରେ ରାଜସ୍ଥାନ ରୟାଲ୍ସ ଏହି ପଦରେ ଶ୍ରୀଲଙ୍କାର ମହାନ ଖେଳାଳି କୁମାର ସାଙ୍ଗାକାରାଙ୍କୁ ୨୦୨୬ ସିଜିନ ପାଇଁ ଟିମର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରିଛି। ଦ୍ରାବିଡ ଚଳିତ ବର୍ଷ ଅଗଷ୍ଟରେ ଫ୍ରାଞ୍ଚାଇଜ ଛାଡିଥିଲେ ସାଙ୍ଗାକାରା ୨୦୨୧ରୁ ଫ୍ରାଞ୍ଚାଇଜର କ୍ରିକେଟ୍ ନିର୍ଦ୍ଦେଶକ ପଦରେ ଅଛନ୍ତି।

ରାଜସ୍ଥାନ ରୟାଲ୍ସ ଏକ୍ସରେ ପୋଷ୍ଟ କରିଛି ଯେ, କ୍ରିକେଟ୍ ନିର୍ଦ୍ଦେଶକ କୁମାର ସାଙ୍ଗାକାରା ଆଇପିଏଲ୍ ୨୦୨୬ ପାଇଁ ମୁଖ୍ୟ କୋଚ୍ ପଦ ଦାୟିତ୍ୱ ଗ୍ରହଣ କରିବେ। ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଅଚାନକ ସମାପ୍ତ ହୋଇଥିଲା ସେ ୨୦୨୫ରେ ଦୀର୍ଘ ବର୍ଷ ପରେ ଅନୁବନ୍ଧ ସହ ରାଜସ୍ଥାନ ଫ୍ରାଞ୍ଚାଇଜ ସହ ଯୋଗ ଦେଇଥିଲେ। ହେଲେ ଚଳିତ ବର୍ଷ ଆଇପିଏଲରେ ଦଳର ପ୍ରଦର୍ଶନର ସମୀକ୍ଷା କରିବା ପରେ ଫ୍ରାଞ୍ଚାଇଜ ଛାଡିଥିଲେ।

ଦଳ ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ନବମ ସ୍ଥାନରେର ରହିଥିଲା। ଦଳ ୧୪ଟି ମ୍ୟାଚରୁ କେବଳ ୪ଟି ଜିତି ପାରିଥିଲା। ଅନ୍ୟପଟେ ୨୦୨୬ ଆଇପିଏଲ ପୂର୍ବରୁ ଦଳର ଅଧିନାୟକ ସଞ୍ଜୁ ସାମସନଙ୍କୁ ଚେନ୍ନାଇ ସୁପର କିଙ୍ଗ୍‌ସ ସହ ଟ୍ରେଡ କରିଛି ରାଜସ୍ଥାନ। ଏହା ବଦଳରେ ଦଳ ରବୀନ୍ଦ୍ର ଜାଡେଜାଙ୍କୁ ନିଜ ଦଳରେ ସାମିଲ୍ କରିଛି। ତେବେ ଦେଖିବାକୁ ବାକି ରହିଲା ଦଳ ରବୀନ୍ଦ୍ର ଜାଡେଜାଙ୍କୁ କଣ ଦାୟିତ୍ୱ ଦେଉଛି।

# ମୋଦିଙ୍କୁ ସ୍କିନ୍ କେୟାର ରୁଟିନ୍ ଉପରେ ପ୍ରଶ୍ନ

ନୂଆଦିଲ୍ଲୀ ୧୭।୧୧:: ଆଇସିସି ଦିନିକିଆ ବିଶ୍ୱକପ୍ ୨୦୨୫ ଜିତିବା ପରେ, ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ, ଯାହାର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ଏହି ସାକ୍ଷାତକାରର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ମହିଳା ଦଳର ଖେଳାଳିମାନଙ୍କୁ ସେମାନଙ୍କ ଅଭିଜ୍ଞତା ବିଷୟରେ ପ୍ରଶ୍ନ ପଚାରୁଥିବାର ଦେଖାଯାଇଛି, କିନ୍ତୁ ମଝିରେ ବ୍ୟାଟସମ୍ୟାନ ହରଲିନ୍ ଦେଓଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏପରି ଏକ ମଜାଦାର ପ୍ରଶ୍ନ ପଚାରିଥିଲେ ଯେ ସମଗ୍ର ପ୍ରଧାନମନ୍ତ୍ରୀ ବାସଭବନ ହସରେ ଗୁଞ୍ଜରିତ ହୋଇଗଲା। ହରଲିନ୍ ଦେଓଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ସ୍କିନ୍ କେୟାର ରୁଟିନ୍ ବିଷୟରେ ପଚାରିଲେ। ପ୍ରକୃତରେ, କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ମୋଦି ହରଲିନ୍ ଦେଓଲଙ୍କ ସ୍ୱଭାବ ଏବଂ ଦକ୍ଷତାକୁ ପ୍ରଶଂସା କରିଥିଲେ, ଯେତେବେଳେ ସେ ଏକ ହାଇ-ପ୍ରେସ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଉତ୍ତରରେ, ହରଲିନ୍ ଦେଓଲ ହଠାତ୍ ପଚାରିଲେ, 'ସାର୍, ଆପଣଙ୍କର ସ୍କିନ୍ କେୟାର ରୁଟିନ୍ କ'ଣ ଆପଣ ବହୁତ ଚମକୁଛନ୍ତି, ସାର୍।' ସେ ଏହି ପ୍ରଶ୍ନ ପଚାରିବା ମାତ୍ରେ ସେଠାରେ ଉପସ୍ଥିତ ସମସ୍ତେ ହସିବାକୁ ଲାଗିଲେ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ତାଙ୍କ ପ୍ରଶ୍ନ ଶୁଣି ଜୋରରେ ହସିବାକୁ ଲାଗିଲେ, ଏବଂ କହିଲେ ଯେ ସେ ଏହି ବିଷୟ ପ୍ରତି ଅଧିକ ଧ୍ୟାନ ଦେଇ ନାହାଁନ୍ତି। ସେଠାରେ ଥିବା ସାଥୀ ଖେଳାଳି ସ୍ନେହ ରାଣା ତୁରନ୍ତ ମନ୍ତବ୍ୟ ଦେଲେ, 'ମହାଶୟ, ଏହା ଦେଶର ଲକ୍ଷ ଲକ୍ଷ ଲୋକଙ୍କର ପ୍ରେମ।' ଏହା ଶୁଣି ପ୍ରଧାନମନ୍ତ୍ରୀ କହିଥିଲେ, 'ହଁ, ଏହା ସତ। ଦେଶବାସୀଙ୍କ ଭଲପାଇବା ମୋତେ ଏତେ ବାଟଯାଏ ଆଣିଛି। ମୁଁ ୨୫ବର୍ଷ ଧରି ସରକାରରେ ଅଛି। ସରକାର ମୁଖ୍ୟ ଭାବରେ କାର୍ଯ୍ୟ କରିବାରେ ବହୁତ ଦିନ ବିତିଗଲାଣି।

# ଝାରସୁଗୁଡ଼ା ହେଲା ଉମରକୋଟ ପ୍ରିମିୟର ଲିଗ୍ ର ବିଜେତା




ନବରଙ୍ଗପୁର (ଉମରକୋଟ), ୧୭।୧୧: ବହୁ ଚର୍ଚ୍ଚିତ ଉମରକୋଟ ପ୍ରୀମିୟର ଲିଗ୍ ର ଥିଲା ଆଜି ଅନ୍ତିମ ଦିବସ। ୭ ତାରିଖ ରୁ ଆରମ୍ଭ ହୋଇ ଆଜି ଥିଲା ଶେଷ ଦିନ। ଆଜି ଶେଷ ଦିନ ରେ ପଶ୍ଚିମ ଓଡ଼ିଶା ର ଦୁଇ ଟି ଦଳ ସୁନ୍ଦରଗଡ଼ ଏଚ୍ ଦା ବୁଲ ବନାମ ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ମଧ୍ୟ ରେ ଖେଳା ଯାଇଥିଲା। ଲିଟିଲ୍ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ଭାର ସମ୍ଭାଳି ଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ ସଂଗ୍ରହ କରିଥିଲେ। ଜବାବରେ ସୁନ୍ଦରଗଡ଼ ଏଚ୍‌ଦାବୁଲ ୧୭୯ ରନର ଲକ୍ଷ୍ୟ ରଖି ସମସ୍ତ ଉଇକେଟ ହରାଇ ୧୬.୨ ଓଭର ରେ ୧୧୫ ରନ ସଂଗ୍ରହ କରିଥିଲେ। ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ଟିମ ବିଜୟର ମୁକୁଟ ପିନ୍ଧି ଥିବା ବେଳେ ସୁନ୍ଦରଗଡ଼ର ଏଚ୍‌ଦାବୁଲ କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଆଜି ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନେ ଜଗତର ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, ଝରୀଗାଁ ବିଧାୟକ ନରସିଂ ଭତ୍ରା, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ପଟେ ଓଡ଼ିଶାରେ ପ୍ରଥମ୍ ଥର ପାଇଁ କୌଣସି ଘରୋଇ କ୍ରିକେଟ ପ୍ରତିଯୋଗିତା ରେ ଋଷିଆ ଦେଶ ରୁ ଚିଅର୍ ଡାନ୍ସ ଗାର୍ଲ୍ ଆସି ଉମରକୋଟ ପ୍ରିମିୟର ଲିଗ୍ ରେ ଉପଲବ୍ଧ ରହି ଖେଳ ପ୍ରେମୀ ଙ୍କୁ ମନୋରଞ୍ଜନ କରିଥିଲେ। ବିଜେତା ଦଳ ଝାରସୁଗୁଡା କୁ ୨ ଲକ୍ଷ ୧ ଟଙ୍କା ରାଶି ସହ ଟ୍ରଫି ଓ ଉପ ବିଜେତା ଏଚ୍ ଦା ବୁଲ ସୁନ୍ଦରଗଡ ଦଳ କୁ ୧ ଲକ୍ଷ ୫୦ ହଜାର ୧ ଟଙ୍କା ରାଶି ସହ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। ପ୍ରତିଯୋଗିତା ର ଶ୍ରେଷ୍ଠ ଖେଳାଳି ଭାବେ ଝାରସୁଗୁଡ଼ା ର ଜେ ଡି ଙ୍କୁ ୨୫ ହଜାର ଟଙ୍କା ରାଶି ସହ ଟ୍ରଫି ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ବ୍ୟାଟ୍ସମ୍ୟାନ୍ ହିସାବରେ ଝାରସୁଗୁଡ଼ା ର ରାଜା କୁସୁମ ଙ୍କୁ ୫ ହଜାର ଟଙ୍କା ଓ ବେଷ୍ଟ ବଲର ଭାବେ ଝାରସୁଗୁଡ଼ା ର ମୁନା ମାନସ ଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

## ବାରବାଟୀ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍

# ଡିସେମ୍ବର-୧ରୁ ଅନଲାଇନ ଟିକେଟ ବିକ୍ରି, ଅଫଲାଇନରେ ଡିସେମ୍ବର ୫ରୁ



କଟକ, ୧୭।୧୧: କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ଟି-୨୦ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ଡିସେମ୍ବର ୧ ରୁ ଆରମ୍ଭ ହେବ ବୋଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଏନେଇ ସୂଚନା ଦେଇଛନ୍ତି। ଓସିଏ ସମ୍ପାଦକଙ୍କ ଅନୁଯାୟୀ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକ ଟି-୨୦ ମ୍ୟାଚ୍ ପାଇଁ ଅନଲାଇନ୍ ଟିକେଟ୍ ଡିସେମ୍ବର ୧ରେ ବିକ୍ରି ଆରମ୍ଭ ହେବ। ସେହିପରି ଅଫଲାଇନ୍ ଟିକେଟ ଡିସେମ୍ବର ୫ରୁ ଆରମ୍ଭ ହେବ। ଅଫଲାଇନ୍‌ରେ ଟିକେଟ୍ ଛଅଟି କାଉଣ୍ଟରରେ ବିକ୍ରି ହେବ।

ସେହିପରି, ଅନୁବନ୍ଧିତ ସଂଘ ଏବଂ କ୍ଲବଗୁଡ଼ିକ ଡିସେମ୍ବର ୩ ଏବଂ ୪ ରେ ସେମାନଙ୍କର ଟିକେଟ୍ ପାଇବେ ବୋଲି ଓସିଏ ସମ୍ପାଦକ ଉଲ୍ଲେଖ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଅନଲାଇନ୍ ଏବଂ ଅଫ୍-ଲାଇନ୍ ଉଭୟରେ କେତେ ଟିକେଟ୍ ବିକ୍ରି ହେବ ସେ ବିଷୟରେ ସଂଘ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତବର୍ଷ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ୍ ବେଳେ ଯେପରି ଫ୍ଲଡ୍ ଲାଇଟ୍ ହଠାତ୍ ବନ୍ଦ ହୋଇଯାଇଥିଲା ଓ ରାଜ୍ୟ ଅପଦସ୍ତ ହେଲା, ତାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ମ୍ୟାଚ୍ ଉପରେ ବିଶ୍ୱର ନଜର ରହିବ। ତେଣୁ ଏହାର ତ୍ରୁଟିଶୂନ୍ୟ ପରିଚାଳନା ନିଶ୍ଚିତ କରିବାକୁ ହେବ। ବିଶେଷକରି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ପୁଲିସ୍ ପ୍ରଶାସନ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର। ଏହାସହିତ ଭିଡ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ତଦାରଖ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

## ହୃଦୁରାମପୁର ଚମ୍ପିୟାନ

ଚମ୍ପୁଆ: କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ମା ତାରିଣୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଆଞ୍ଚଳିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ତଥା ଆଞ୍ଚଳରୁ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଦିନ ଉଦଯାପନୀ ଫାଇନାଲ ଖେଳରେ ହାସଦା ଏଫ. ସି ମାଙ୍ଘକମଲନପୁର ଓ ହୃଦରାମପୁର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତା ସଂଘର୍ଷ ମୂଳକ ଖେଳ ହୋଇଥିଲା। ହୃଦରାମପୁର ୦୨-୦୧ ଗୋଲ ବ୍ୟବଧାନରେ ହାସଦା ଏଫ. ସି ମାଙ୍ଘକମଲନପୁର କୁ ହରାଇ ଚମ୍ପିୟାନ ହୋଇଛି।

# ପାରାଲିମ୍ପିକ୍ ଗୋଲ୍ଡ ସାଇକ୍ଲିଷ୍ଟ ପେଜ ଗ୍ରେକୋଙ୍କ ପରଲୋକ



ଅଡେଲେଡ୍, ୧୭।୧୧: ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଅଷ୍ଟ୍ରେଲିଆନ ସାଇକ୍ଲିଷ୍ଟ ପେଜ ଗ୍ରେକୋଙ୍କର ସୋମବାର ପରଲୋକ ଘଟିଛି ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୨୮ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ସମ୍ପର୍କରେ ଅଷ୍ଟ୍ରେଲିଆନ ପାରାଲିମ୍ପିକ୍ କମିଟି ଓ ଅଷ୍ଟ୍ରେଲିଆନ ସାଇକ୍ଲିଂ ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ମିଳିତ ବିବୃତିରେ କୁହାଯାଇଛି ଯେ, ହଠାତ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଗ୍ରେକୋଙ୍କର ଆଡିଲେଡ୍‌ସ୍ଥିତ ବାସଭବନରେ ମୃତ୍ୟୁ ଘଟିଛି। ମସ୍ତିଷ୍କ ପକ୍ଷାଘାତ ସହ ଜନ୍ମ ହୋଇଥିବା ଗ୍ରେକୋ ୨୦୨୧ରେ ଟୋକିଓ ପାରାଲିମ୍ପିକ୍ସରେ ମହିଳାଙ୍କ ସି୧-୩ କାଟେଗୋରିରେ ୩ ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଅନେକ ୱାଲର୍ଡ ଚାମ୍ପିୟନଶିପ୍ ଟାଇଟଲ ଓ ବିଶ୍‌କପ୍ ପଦକ ଜିତିଥିଲେ। ସେ ୨୦୧୯ରେ ଟ୍ରାକ୍ ୱାଲର୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ପାରା ସାଇକ୍ଲିଂ ଦୃଶ୍ୟପଟରେ ଉଭା ହୋଇଥିଲେ।

## ବ୍ୟାସ ମିଡିଆକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଜିଲା ପ୍ରଶାସନକୁ ହରାଇ ଟାଟା ଷ୍ଟିଲ ଚାମ୍ପିଅନ୍




ବ୍ୟାସନଗର, ୧୬।୧୧(ନି.ପ୍ର): ବ୍ୟାସନଗର ପ୍ରେସ ଫୋରମର ପକ୍ଷରୁ ଆୟୋଜିତ ୧୪ତମ ବ୍ୟାସ ମିଡିଆ କପ କ୍ରିକେଟ ଟୁର୍ଣ୍ଣାମଂଟ ୨୦୨୫ରୁ ଫାଇନାଲ ଖେଳରେ ଟାଟା ଷ୍ଟିଲ କଳିଙ୍ଗନଗର ଜିଲ୍ଲା ପ୍ରଶାସନ ଯାଜପୁରକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି। ଆଜି ପୂର୍ବାହ୍ନରେ ପ୍ରଥମ ସେମେଫାଇନାଲ ଖେଳ ଜିଲା ପ୍ରଶାସନ ଯାଜପୁର ଓ ଲୟର୍ସ ଫୋରମ କ୍ଲବ ବ୍ୟାସନଗର ମଧ୍ୟରେ ହୋଇଥିଲା। ଟସ୍ ଜିଣି ଲୟର୍ସ ଫୋରମ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୭ ୱିକେଟ ହରାଇ ୯୨ରନ କରିଥିଲା। ଜବାବରେ ଜିଲା ପ୍ରଶାସନ ୮ଓଭର ମଧ୍ୟରେ ୩ୱିକେଟ ହରାଇ ଆବାଶ୍ୟକ ରନ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଫାଇନାଲ ଖେଳ ଟାଟା ଷ୍ଟିଲ ଓ ଜିଲା ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଜିଲା ପ୍ରଶାସନ୍ ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ୧୫ର ମଧ୍ୟରେ ୫ୱିକେଟ ହରାଇ ୧୬୩ରନ ସଂଗ୍ରହକରି ଥିଲା। ଦଳପକ୍ଷରୁ ଶ୍ରୀକାନ୍ତ ସେଠୀ ଶ୍ରୀକାନ୍ତ ସେଠୀ ଶ୍ରୀକାନ୍ତ ସେଠୀ ସର୍ବାଧିକ ୨୨ବଲରେ ୬୬ରନ ସଂଗ୍ରହ କରିଥିଲା। ଜବାବରେ ଟାଟା ଷ୍ଟିଲ ୧୩.୪ ଓଭର ମଧ୍ୟରେ ୪ୱିକେଟ ହରାଇ ଆବଶ୍ୟକ ରନ ୧୬୪କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ରାଜେଶ ସିଏ ସର୍ବାଧିକ ୨୦ବଲରେ ୭୦ରନ କରି ଦଳକୁ ଚମ୍ପିଆନ କରିବାରେ ସହାୟକ ହୋଇଥିଲା।

ଅନୁଷ୍ଠିତ ଖେଳକୁ ବରିଷ୍ଠ ଅମ୍ପେୟାର କଳିଙ୍ଗ ପହି ଓ ଅସିମ ଦାଶ ପରିଚାଳନା କରିଥିଲା ବେଳେ ସ୍କରର ଭାବେ ପ୍ରଦୀପ କୁମାର ସାମଲ ଓ ଘୋଷକଭାବେ ଅଜୟ କୁମାର ସାହୁ, ଜ୍ଞାନରଞ୍ଜନ ଓଝା ପରିଚାଳନା କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ତଥା ଉଦ୍‌ଯାପନୀ ସଭା ଫୋରମର ସଭାପତି ଡକ୍ଟର ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥିଭାବେ ଟାଷ୍ଟିଲ କଳିଙ୍ଗନଗରର କର୍ପୋରେଟ ଟେକନିକାଲ ହେଡ ସୁଧାଂଶୁ ଶେଖର ପଣ୍ଡା, ଯୁବଉଦ୍ୟୋଗୀ ଆଲୋକ କୁମାର ମହାନ୍ତି, ଫୋରମର ମୁଖ୍ୟପରାମର୍ଶ ଦାତା ଉଦୟ ନାଥ ଖଣ୍ଡାଇ, ବରିଷ୍ଠ ସାମ୍ବାଦିକ ହର୍ଷବର୍ଦ୍ଧନ ବେହେରା, ମନୋଜ କୁମାର ରାଉଳ ଯୋଗଦେଇ ବିଜୟୀ ଟାଟା ଷ୍ଟିଲ କଳିଙ୍ଗନଗରକୁ ୧୦ହଜାର ନଗଦ ଅର୍ଥ ରାଶି ସହ ଚମ୍ପିଆନ ଟ୍ରଫ ଓ ଉପବିଜେତା ଜିଲା ପ୍ରଶାସନ ଯାଜପୁରକୁ ୫ହଜାର ନଗଦ ଅର୍ଥ ରାଶି ସହ ରନର୍ସ କପ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥି ସହିତ ବେଷ୍ଟ ବ୍ୟାସ ମ୍ୟାନ ଶ୍ରୀକାନ୍ତ ସେଠୀ(ଜିଲ୍ଲାପ୍ରଶାସନ), ବେଷ୍ଟ ବୋଲର ରାଜେଶ ସିଏ(ଟାଟା ଷ୍ଟିଲ), ବେଷ୍ଟ କ୍ୟାଚର ଯଶୋବନ୍ତ ମହାନ୍ତ(ଟାଟାଷ୍ଟିଲ) ଓ ମ୍ୟାନ ଅଫ ଦି ସରିଜ ଭାବେ ରୋଶନ ମଥୁ(ଟାଟାଷ୍ଟିଲ) ପ୍ରମୁଖ କୃତୀ ଖେଳାଳୀ ସହ ଅମ୍ପେୟାର ଦ୍ୱୟଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ଦୟାନିଧି ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଂପାଦକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ଜ୍ଞାନରଞ୍ଜନ ଓଝା, ସହସମ୍ପାଦକ ଆଶୁତୋଷ ମହାନ୍ତି, ପ୍ରମୋଦ କୁମାର ପାତ୍ର, କାର୍ଯ୍ୟାଳୟ ସଂପାଦକ ବାଇଧର ମାଝୀ, କୋଷାଧ୍ୟକ୍ଷ ଅଜୟ କୁମାର - ସାହୁ, ବରିସଭ୍ୟ ଆଶୁତୋଷ ମିଶ୍ର, କୁଞ୍ଜବିହାରୀ ମହାନ୍ତି, ଅଶିତାନନ୍ଦ ବିଶ୍ୱାଳ, ଜିତେନ୍ଦ୍ର ରାଉତ, ପ୍ରହଲ୍ଲାଦ ଦେଓ, ଚିତରଞ୍ଜନ ବୋଇତେଲ, ଦୀପକ ଦାସ, ମାନସ ଆଇଟ, ସୁଶାନ୍ତ ଭୂୟାଁ, ସଞ୍ଜୟ ସରକାର, ପ୍ରକାଶ କୁମାର ସାହୁ, ପ୍ରଶାନ୍ତ କୁମାର ଗେଡି, ସୌରଭ ଖୁଣ୍ଟିଆ ପ୍ରମୁଖ -ଫୋରମର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅଲିମ୍ପିକ୍ସ : ଅନୁୟାଙ୍କୁ ସ୍ୱର୍ଣ୍ଣ, ପ୍ରାଞ୍ଜଳିଙ୍କୁ ମିଳିଲା ରୌପ୍ୟ

ନୂଆଦିଲ୍ଲୀ, ୧୭।୧୧: ଭାରତର ଅନୁୟା ପ୍ରସାଦ ଓ ପ୍ରାଞ୍ଜଳି ପ୍ରଶାନ୍ତ ଧୂମଲ ଟୋକିଓଠାରେ ଚାଲିଥିବା ବଧିରଅଲିମ୍ପିକ୍ସର ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ହାସଲ କରିଛନ୍ତି। ଅନୁୟା ବଧିର ଫାଇନାଲ ବିଶ୍ୱ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାଞ୍ଜଳି କ୍ୱାଲିଫିକେଶନ ବିଶ୍ ରେକର୍ଡ ସ୍କୋର ସହ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ।

ଅନ୍ୟପକ୍ଷେ ପୁରୁଷ ୧୦ମିଟର ଏୟାର ପିସ୍ତଲରେ ଅଭିନବ ଦେଶୱାଲ କ୍ୱାଲିଫିକେଶନ ବିଶ୍ୱରେକର୍ଡ ସହ ରୌପ୍ୟ ଜିତିଥିଲେ। ଫଳରେ ପ୍ରତିଯୋଗିତାର ଦୁଇ ଦିନ ପରେ ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି। ହାଇଦ୍ରାବାଦରେ ଥିବା ଅଲିମ୍ପିଆନ ଗଗନ ନାରଙ୍ଗଙ୍କ ଶୁଟିଂ ଏକାଡେମୀରେ ଟ୍ରେନିଂ ନେଉଥିବା ୨୩ବର୍ଷୀୟ ଧନୁଷ ଶ୍ରୀକାନ୍ତ ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିଲେ। ଅନୁୟା କ୍ୱାଲିଫିକେଶନ ରାଉଣ୍ଡରେ ୫୬୪ ଶଟ୍ ସହ ୮ ଶୁଟରଙ୍କୁ ନେଇ ହୋଇଥିବା ଫାଇନାଲରେ



ପ୍ରବେଶ କରିଥିବାବେଳେ ପ୍ରାଞ୍ଜଳି ପ୍ରିଲିମିନାରୀ ରାଉଣ୍ଡରେ ଚମତ୍କାର ୫୭୨ ସ୍କୋର ସହ କ୍ୱାଲିଫିକେଶନ ବିଶ୍ୱରେକର୍ଡ ସହ ୮ ଶୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲକୁ ଉନ୍ନୀତ ହୋଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ